# ସିଏଏକୁ ନେଇ ଘଟଣାକ୍ରମ

ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ)କୁ ଚଳିତ ଲୋକ ସଭା ନିର୍ବାଚନ ପୂର୍ବରୁ ଲାଗୁ କରାଯିବା ନେଇ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଶନିବାର ସୂଚନା ଦେଇଛନ୍ତି। ତେବେ ୨୦୧୯ ଡିସେମ୍ବର ୧୧ରେ ଏହି ବିଲ ପାଲାମେଣ୍ଟରେ ପାସ ହୋଇଥିଲା। ପଡ଼ୋଶୀ ଆଫଗାନିସ୍ତାନ, ପାକିସ୍ତାନ , ବାଂଲାଦେଶର ଅଣ ମୁସଲିମ୍ ଶରଣାର୍ଥୀମାନଙ୍କୁ ଭାରତର ନାଗରିକତ୍ୱ ପ୍ରଦାନ କରିବ ଏହି ଆଇନ। ୨୦୧୪ ଡିସେମ୍ବର ୩୧ ପୂର୍ବରୁ ଭାରତର ଶରଣ ନେଇଥିବା ହିନ୍ଦୁ, ଶିଖ ବୌଦ୍ଧ, ଜୈନ, ପାର୍ସୀ ଓ ଖ୍ରୀଷ୍ଟିଆନମାନଙ୍କୁ ଏହି ଆଇନ ଦ୍ୱାରା ନାଗରିକତ୍ୱ ପ୍ରଦାନ କରାଯିବ। ତେବେ ଏହି ଆଇନରେ ମୁସଲମାନ ଧର୍ମକୁ ବାଦ ଦିଆଯାଇଥିବାରୁ ଏହାକୁ ନେଇ ଦେଶବ୍ୟାପି ବିଭିନ୍ନ ବିରୋଧୀ ରାଜନୈତିକ ଦଳ ଓ ସଂଗଠନ ତରଫରୁ ମାସ ମାସ ଧରି ପ୍ରତିବାଦ କରାଯାଇଥିଲା। ଡିସେମ୍ବର ୧୦, ୨୦୧୯ରେ ଲୋକସଭାରେ ଏହି ବିଲ୍ ପାସ ହୋଇଥିଲା। ବିଲ ସପକ୍ଷରେ ୩୧୧ଟି ଭୋଟ ପଡ଼ିଥିବାବେଳେ ବିପକ୍ଷରେ ୮୦ଟି ଭୋଟ ପଡ଼ିଥିଲା। ଡିସେମ୍ବର ୧୧, ୨୦୧୯ରେ ରାଜ୍ୟସଭାରେ ଏହି ବିଲ ପାସ୍ ହୋଇଥିଲା। ବିଲ ସପକ୍ଷରେ୧୨୫ଟି ଭୋଟ ପଡ଼ିଥିବାବେଳେ ବିପକ୍ଷରେ ୧୦୫ଟି ଭୋଟ ପଡ଼ିଥିଲା ରାଷ୍ଟ୍ରପତିଙ୍କ ମଞ୍ଜୁରି ମିଳିବା ପରେ ଡିସେମ୍ବର ୧୨, ୨୦୧୯ରେ ଏହା ଆଇନରେ ପରିଣତ ହୋଇଥିଲା।



ସିଏଏ ବିରୋଧରେ ଚାଲିଥିବା ଆନ୍ଦୋଳନରେ ଯୋଗଦେଇଥିଲେ ସିପିଏମ୍ ମହାସଚିବ ସୀତାରାମ ୟେଚୁରି।



ସିଏଏକୁ ବିରୋଧ କରି ଆସାମର ଗୁଆହାଟୀଠାରେ ଆନ୍ଦୋଳନ କରୁଥିଲେ ସ୍ଥାନୀୟ ଲୋକେ।


ଦିଲ୍ଲୀର ସାହିନବାଗରେ ବହୁସଂଖ୍ୟାରେ ମୁସଲମାନ ଗୃହିଣୀ ସିଏଏ ବିରୋଧରେ ଧାରଣା ଦେଉଥିଲେ।


ଦିଲ୍ଲୀର ଇଣ୍ଡିଆ ଗେଟ୍ ସମ୍ମୁଖରେ କଂଗ୍ରେସର ବରିଷ୍ଠ ନେତା ଓ କର୍ମୀଙ୍କ ସହ ଧାରଣାରେ ବସିଥିଲେ ପ୍ରିୟଙ୍କା ଭଦ୍ରା।


ସିଏଏକୁ ବିରୋଧ କରି ଅଲିଗଡ଼ ମୁସଲିମ୍ ୟୁନିଭର୍ସିଟି ସମ୍ମୁଖରେ ଆନ୍ଦୋଳନ।

**୪ ଡିସେମ୍ବର ୨୦୧୯:** କେନ୍ଦ୍ର ସରକାରଙ୍କ ଦ୍ୱାରା ନାଗରିକତ୍ୱ ସଂଶୋଧନ ବିଲ୍ (ସିଏଏ)କୁ ୨୦୨୨ ପାର୍ଲାମେଣ୍ଟରେ ଆଗତ ନେଇ ସ୍ପଷ୍ଟ ସୂଚନା ଦିଆଗଲା।

■ଆସାମର ଗୁଆହାଟୀ ଓ ଅନ୍ୟ ସ୍ଥାନରେ ଏହି ବିଲ୍‌କୁ କେନ୍ଦ୍ର କରି ପ୍ରତିବାଦ ଆରମ୍ଭ ହେଲା।

■ବିଲକୁ ବିରୋଧ କରି ଆସାମ ରାଜଧାନୀ ଦିସପୁରରେ ପୋଲିସ ସହ ଧସ୍ତାଧସ୍ତି ହୋଇଥିଲେ ଉଗ୍ର ଆନ୍ଦୋଳନକାରୀ ତ୍ରିପୁରାର ରାଜଧାନୀ ଅଗରତାଲାରେ ବିଲ୍ ବିରୋଧରେ ଚାଲିଥିବା ଆନ୍ଦୋଳନରେ ହିଂସା ଘଟି ୬ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୫୦ ଜଣ ଆହତ ହୋଇଥିଲେ।

**୯ ଡିସେମ୍ବର ୨୦୧୯:** ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଲୋକ ସଭାରେ ନାଗରିକତ୍ୱ ସଂଶୋଧନ ବିଲ (ସିଏଏ)କୁ ଆଗତ କଲେ।

**୧୦ ଡିସେମ୍ବର ୨୦୧୯:** ୩୧୧ ଭୋଟ ସହ ଲୋକ ସଭାରେ ପାସ ହେଲା ନାଗରିକତ୍ୱ ସଂଶୋଧନ ବିଲ।

**୧୧ ଡିସେମ୍ବର ୨୦୧୯:** ୧୨୫ ଭୋଟ ସହ ରାଜ୍ୟ ସଭାରେ ପାସ ହେଲା ନାଗରିକତ୍ୱ ସଂଶୋଧନ ବିଲ।

**୧୨ ଡିସେମ୍ବର ୨୦୧୯:** ରାଷ୍ଟ୍ରପତିଙ୍କଠାରୁ ଅନୁମତି ପାଇ ନାଗରିକତ୍ୱ ସଂଶୋଧନ ବିଲ୍ ଆଇନରେ ପରିଣତ ହେଲା।

■ନାଗରିକତ୍ୱ ସଂଶୋଧନ ବିଲ ନେଇ ଚାଲିଥିବା ଆନ୍ଦୋଳନରେ ପୋଲିସ ଗୁଳିରେ ଦୁଇ ଜଣ ଆନ୍ଦୋଳନକାରୀଙ୍କର ମୃତ୍ୟୁ ଘଟିଥିଲା

**୧୩ ଡିସେମ୍ବର ୨୦୧୯:** ଆମେରିକା, ବ୍ରିଟେନ, ଫ୍ରାନ୍ସ, ଇସ୍ରାଏଲ, କାନାଡ଼ା ପରି ଦେଶ ଉତ୍ତର ପୂର୍ବ ଭାରତକୁ ଯାତ୍ରା ପାଇଁ ନିଜ ନାଗରିକଙ୍କ ଉପରେ ଚେତାବନୀ ଜାରି କଲେ।

■ପଶ୍ଚିମବଙ୍ଗ, କେରଳ, ମଧ୍ୟପ୍ରଦେଶ, ଛତିଶଗଡ଼ ଓ ପଞ୍ଜାବର ମୁଖ୍ୟମନ୍ତ୍ରୀ ମାନେ ଏହି ଆଇନକୁ ନିଜ ରାଜ୍ୟରେ ଲାଗୁ ନ କରିବାକୁ ନିଷ୍ପତ୍ତି ନେଲେ

**୧୪ ଡିସେମ୍ବର ୨୦୧୯:** ପୋଲିସ ଗୁଳିରେ ପୁଣି ଆସାମର ଈଶ୍ୱର ନାୟକ ନାମକ ଜଣେ ଆନ୍ଦୋଳନକାରୀଙ୍କ ମୃତ୍ୟୁ ଘଟିଲା।

■ ଦିଲ୍ଲୀର ଜନ୍ତରମନ୍ତରଠାରେ ହଜାର ହଜାର ସଂଖ୍ୟାରେ ଆନ୍ଦୋଳନକାରୀ ବିଲ୍ ବିରୋଧରେ ଏକାଠି ହେଲେ।

**୧୫ ଡିସେମ୍ବର ୨୦୧୯:** ଦିଲ୍ଲୀରେ ସିଏଏ ବିରୋଧୀ ଆନ୍ଦୋଳନ ଉଗ୍ରରୂପ ଧାରଣ କଲା। ଦିଲ୍ଲୀ ପରିବହନ ନିଗମର ୩ ବସ୍‌କୁ ଉତ୍ୟକ୍ତ ଆନ୍ଦୋଳନକାରୀମାନେ ଜାଳିଦେଲେ।

■ଦିଲ୍ଲୀର ଜାମିଆ ମିଲିଆ ବିଶ୍ୱବିଦ୍ୟାଳୟରେ ପ୍ରବେଶ କରି ଜବରଦସ୍ତି ପୋଲିସ ଛାତ୍ରଙ୍କୁ ଗିରଫ କରିଥିଲା।

■ଆଲିଗଡ଼ ବିଶ୍ୱବିଦ୍ୟାଳୟ ସାମନାରେ ଆନ୍ଦୋଳନ ଉଗ୍ରରୂପ ହେବାରୁ ଛାତ୍ରମାନଙ୍କ ଉପରେ ଲାଠି ଚାର୍ଜ କରିଥିଲା ପୋଲିସ।

■ପଶ୍ଚିମବଙ୍ଗର ମୁର୍ଶିଦାବାଦ ଜିଲାର ଉଗ୍ର ଆନ୍ଦୋଳନକାରୀମାନେ ୫ଟି ଟ୍ରେନ ଜାଳିଦେଇଥିଲେ।

**୧୬ ଡିସେମ୍ବର ୨୦୧୯:** ଇଣ୍ଡିଆ ଗେଟ ସମ୍ମୁଖରେ ୩୦୦ କଂଗ୍ରେସ କର୍ମୀଙ୍କ ସହ ଶାନ୍ତିପୂର୍ଣ୍ଣ ପ୍ରତିବାଦ କରିଥିଲେ।

■ଶାନ୍ତି ବଜାୟ ରଖିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ଅପିଲ କରିଥିଲେ।

**୧୭ ଡିସେମ୍ବର ୨୦୧୯**

■ଦିଲ୍ଲୀର ସଲିମପୁରରେ ଉତ୍ୟକ୍ତ ଆନ୍ଦୋଳନକାରୀ ଏକ ଥାନା ଜାଳିଦେଇଥିଲେ।

୧୭ ଡିସେମ୍ବର ୨୦୨୨।

■କର୍ନାଟକର ଦୁଇଜଣ ଓ ଉତ୍ତରପ୍ରଦେଶରେ ଜଣେ ଆନ୍ଦୋଳନକାରୀ ପୋଲିସ ଗୁଳିରେ ନିହତ ହୋଇଥିଲେ।

■ଭାଜପା ଶାସିତ କର୍ଣ୍ଣାଟକ, ଉତ୍ତରପ୍ରଦେଶରେ ସାର୍ବଜନୀନ ସଭା କରିବା ପାଇଁ ବାରଣ କରାଗଲା

ଦିଲ୍ଲୀରେ ସିପିଏମ ନେତା ସୀତାରାମ ୟେଚୁରୀଙ୍କ ସହ ୧୨୦୦ ଆନ୍ଦୋଳନକାରୀଙ୍କୁ ଗିରଫ କଲା ପୋଲିସ।

■ମଧ୍ୟ ଉତ୍ତରପ୍ରଦେଶର କିଛି ଜିଲାରେ ଇଣ୍ଟରନେଟ ସେବା ବନ୍ଦ କଲେ ରାଜ୍ୟ ସରକାର

**୨୨ ଡିସେମ୍ବର ୨୦୧୯:** ନାଗରିକତ୍ୱ ସଂଶୋଧନ ଆଇନ ବିରୋଧରେ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍ ସମ୍ବିଧାନ ବଚାଓ ରାଲି ଆରମ୍ଭ କରିଥିଲେ।

**୨୯ ଡିସେମ୍ବର ୨୦୧୯**

ଦିଲ୍ଲୀର ସାହିନବାଗ ଅଞ୍ଚଳରେ ହଜାର ହଜାର ସଂଖ୍ୟାରେ ମୁସ୍‌ଲିମ୍ ଗୃହିଣୀ ସିଏଏ ବିରୋଧୀ ଆନ୍ଦୋଳନରେ ସାମିଲ ହୋଇଥିଲେ।

**୧ ଜାନୁୟାରୀ ୨୦୨୦:** କୋଟୀର ବିଭିନ୍ନ ମୁସଲିମ ସଂଗଠନ ପକ୍ଷରୁ ସିଏଏ ବିରୋଧୀ ରାଲିରେ ପ୍ରାୟ ୨ ଲକ୍ଷ ଲୋକଙ୍କ ସମାଗମ ହୋଇଥିଲା

## ରାଜ୍ୟ

# ବୃଦ୍ଧାଙ୍କ ବେକ କାଟି ହତ୍ୟା ଅଭିଯୋଗ

## ପରିତ୍ୟକ୍ତ କୂଅରୁ ମିଳିଲା ମୃତଦେହ

ଅମରପାଲି,୧୦।୨(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଅନ୍ତର୍ଗତ ହିଲୁଙ୍ଗ ଗ୍ରାମର ଏକ ପରିତ୍ୟକ୍ତ କୂଅରୁ ଜଣେ ବୃଦ୍ଧାଙ୍କ କ୍ଷତାକ୍ତ ମୃତଦେହ ଶନିବାର ଜବତ ହୋଇଛି। ମୃତକ ହେଲେ ହିଲୁଙ୍ଗ ଗ୍ରାମର ଶୋଭା ଭୋଇ(୬୫) । ତାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ଗତ ଗୁରୁବାର ସନ୍ଧ୍ୟାରୁ ଶୋଭା ନିଖୋଜ ଥିଲେ । ତାଙ୍କ ସ୍ୱାମୀଙ୍କ ଦେହାନ୍ତ ହୋଇଯାଇଥିବା ବେଳେ ଏକମାତ୍ର ଝିଅ ଶ୍ରାବଣୀଙ୍କୁ ଭୂତିଆପାଲି ଗ୍ରାମରେ ବିବାହ ଦେଇଥିଲେ। ଶୋଭା ନିଖୋଜ ଥିବା ନେଇ ଖବରପାଇ ଝିଅ ଓ ଜ୍ୱାଇଁ ଆସି ଖୋଜାଖୋଜି କରିଥିଲେ। ତାଙ୍କୁ ନ ପାଇବାରୁ ଏନେଇ ବୀରମହାରାଜପୁର ଥାନାରେ ଅଭିଯୋଗ କରିଥିଲେ। ତେବେ ଶନିବାର ସକାଳେ ଶୋଭାଙ୍କ ଘରଠାରୁ ୧୦୦ମିଟର ଦୂରରେ ଥିବା ଏକ ପରିତ୍ୟକ୍ତ କୂଅରେ ମୃତଦେହ ଭାସୁଥିବା ସ୍ଥାନୀୟ ଅଞ୍ଚଳର କେତେଜଣ ବ୍ୟକ୍ତି ଦେଖିବାକୁ ପାଇଥିଲେ । ଏ ସମ୍ପର୍କରେ ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୀରମହାରାଜପୁର ଅଗ୍ନିଶମ ବାହିନୀକୁ ସୂଚନା ଦେଇଥିଲା । ଅଗ୍ନିଶମ ବାହିନୀ କୂଅରୁ ମୃତଦେହ ବାହାର କରିଥିଲେ। ମୃତଦେହ ଶୋଭାଙ୍କର ବୋଲି ଚିହ୍ନଟ ହୋଇଥିଲା । କେହି ଦୁର୍ବୃତ୍ତ ତାଙ୍କର ବେକ କାଟିବା ସହ ପେଟକୁ କୌଣସି ଧାରୁଆ ଅସ୍ତ୍ର ସାହାଯ୍ୟରେ ଆଘାତ କରି ହତ୍ୟା କରିଥିବା ଜଣାପଡ଼ିଥିଲା । ପୋଲିସ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରିଥିଲେ । ଖବର ଲେଖାଯିବା ପର୍ଯ୍ୟନ୍ତ ହତ୍ୟାକାଣ୍ଡର କାରଣ ଜଣାପଡ଼ିନାହିଁ । ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ବୃଦ୍ଧାଙ୍କ ଜ୍ୱାଇଁଙ୍କ ଅଭିଯୋଗ ଆଧାରରେ ବୀରମହାରାଜପୁର ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୪/୨୪) ରୁଜୁ ହୋଇଛି। ପୋଲିସ ତଦନ୍ତ ଜାରି ରଖିଛି।

# ଧାର୍ଯ୍ୟ ୯ରୁ ୩ ହେକ୍ଟର ଜମିରେ ଚାରା ରୋପଣ

## ସୁକିନ୍ଦା ଜଙ୍ଗଲ ବିଭାଗରେ ବ୍ୟାପକ ଅନିୟମିତତା

ଯାଜପୁର/ସୁକିନ୍ଦା(ହର୍ଷବର୍ଦ୍ଧନ ବେହେରା/ସତ୍ୟଜିତ ଦାସ),୧୦।୨

ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ବିଭିନ୍ନ ବନୀକରଣ ଯୋଜନାରେ ୨୦୧୯-୨୦ ଠାରୁ ୨୦୨୩-୨୪ ବର୍ଷ ପର୍ଯ୍ୟନ୍ତ ରାଜ୍ୟରେ ୧୭୧୩.୪୩ ଲକ୍ଷ ବୃକ୍ଷଚାରା ରୋପଣ କରାଯାଇଛି। ରୋପିତ ଚାରା ମଧ୍ୟରୁ ୮୫ % ରୁ ୧୦୦% ସୁରକ୍ଷିତ ରହିଛି। ଏଥିପାଇଁ ୧,୫୭,୪୮୯.୯୦ ଲକ୍ଷ ଟଙ୍କା ବିନିଯୋଗ କରାଯାଇଛି। ଚଳିତ ବିଧାନସଭାରେ ମଙ୍ଗଳବାର ଏକ ଅଣତାରକା ପ୍ରଶ୍ନର ଉତ୍ତରରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଉପରୋକ୍ତ ତଥ୍ୟ ଉପସ୍ଥାପନ କରିଛନ୍ତି। ହେଲେ ବାସ୍ତବତା ଏହାଠାରୁ ସମ୍ପୂର୍ଣ୍ଣ ଭିନ୍ନ ବୋଲି ଅଭିଯୋଗ ହୋଇଛି। ଏଠାରେ ଯାଜପୁର ଜିଲା ସୁକିନ୍ଦା ବ୍ଲକ ଅନ୍ତର୍ଗତ ଲେମ୍ବୋ ପଞ୍ଚାୟତର କେନ୍ଦୁଆଗଣ ଗ୍ରାମ ନିକଟରେ ଥିବା ମହାଗିରି ପାହାଡ଼ରେ କାମ୍ପା ପାଣ୍ଠିରେ ହୋଇଥିବା ଚାରା ରୋପଣକୁ ଉଦାହରଣ ଭାବେ ନିଆଯାଇପାରେ। ସେଠାରେ ୯ ହେକ୍ଟର ପରିମିତ ଅଞ୍ଚଳରେ ଦର୍ଶାଯାଇ ମାତ୍ର ୩ ହେକ୍ଟର ଜମିରେ ଚାରା ରୋପଣ କରାଯାଇଥିବା ଦେଖିବାକୁ ମିଳିଛି। ଏଥିରୁ ବାକି ଅର୍ଥ ଉଠାଣ କରି ମିଳିମିଶି ହରିଲୁଟ


ସୁକିନ୍ଦା ବ୍ଲକ୍ ମହାଗିରି ପାହାଡ଼ରେ ହୋଇଥିବା ଚାରା ରୋପଣ।

ମନ୍ତ୍ରୀଙ୍କ ରିପୋର୍ଟଅନୁଯାୟୀ, ୨୦୧୯-୨୦ ବର୍ଷରେ କଟକ ବନଖଣ୍ଡ ଡିଭିଜନ ଅନ୍ତର୍ଗତ କଟକ, ଯାଜପୁର, ଜଗତସିଂହପୁର ଓ କେନ୍ଦ୍ରାପଡ଼ା ଜିଲାରେ ୮୨୭ ହେକ୍ଟର ଜମିରେ ଚାରା ରୋପଣ ହୋଇଛି। ଏଥିପାଇଁ ୧୫୦.୧୧ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ସେହିପରି ୨୦୨୦-୨୧ ବର୍ଷରେ ୨୦୩୧ ହେକ୍ଟର ଜମିରେ ହୋଇଥିବା ଚାରା ରୋପଣ ପାଇଁ ୪୫୮.୯୯ ଲକ୍ଷ ଟଙ୍କା, ୨୦୨୧-୨୨ ବର୍ଷରେ ୨୧୬୬ ହେକ୍ଟର ଜମି ପାଇଁ ୭୯୦.୪୦ ଲକ୍ଷ ଟଙ୍କା, ୨୦୨୨-୨୩ ବର୍ଷରେ ୨୯୮୨ ହେକ୍ଟର ଜମି ପାଇଁ ୧୩୬୬.୨୬ ଲକ୍ଷ ଟଙ୍କା ଏବଂ ୨୦୨୩-୨୪ ବର୍ଷରେ ୧୦୩୩ ହେକ୍ଟର ଜମିରେ ହୋଇଥିବା ବୃକ୍ଷଚାରା ରୋପଣ ୯ ହଜାର ବୃକ୍ଷଚାରା ରୋପଣ କରିବାକୁ ଧାର୍ଯ୍ୟ ହୋଇଥିଲା। ତଦନୁଯାୟୀ ଶ୍ରମିକ, ସୁରକ୍ଷା ତାରବାଡ, ଫାଟକ ନିର୍ମାଣ ଏବଂ ସଫେଇ ଆଦି କାର୍ଯ୍ୟ ମଧ୍ୟ କରାଯାଇଥିଲା। ୨୦୨୩-୨୪ବର୍ଷରେ ହୋଇଥିବା ଉକ୍ତ କାର୍ଯ୍ୟରେ ନିମ୍ବ, କରଞ୍ଜ, ଶିଶୋ, ମେହେଗାନୀ, ଅଁଳା, ବାଉଁଶ ଇତ୍ୟାଦି ଚାରା ରୋପଣ କରାଯାଇଥିଲା। ତେବେ ପ୍ରକୃତ ପକ୍ଷରେ ସେଠାରେ ମାତ୍ର ୩ ହେକ୍ଟର ଅଞ୍ଚଳରେ ବୃକ୍ଷଚାରା ରୋପଣ କରାଯାଇ ୯ ହେକ୍ଟରରେ ଚାରା ରୋପଣ ହୋଇଛି ବୋଲି ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। କାମ୍ପା ପାଣ୍ଠି ବିନିଯୋଗରେ ଏକ ହେକ୍ଟରରେ ଚାରାରୋପଣ କରିବା ନିମନ୍ତେ ୧ ଲକ୍ଷ ୫୦ ହଜାର ରୁ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ଥାନ ଅନୁଯାୟୀ ଖର୍ଚ୍ଚ ହୋଇଥାଏ ବୋଲି ଏକ ସୂତ୍ରରୁ ଜଣାପଡିଛି। କିନ୍ତୁ ଫଳକରେ ଅର୍ଥ ବ୍ୟୟ ବରାଦ ସମ୍ପର୍କରେ କୌଣସି ତଥ୍ୟ ନ ଥିବାରୁ କେତେ ଅର୍ଥ ଖର୍ଚ୍ଚ ହୋଇଛି ତାହା ସ୍ପଷ୍ଟ ହୋଇପାରିନାହିଁ।

ଏ ସଂକ୍ରାନ୍ତରେ ସୁକିନ୍ଦା ବନପାଳ ମନୋରମା ହୋତାଙ୍କୁ ପଚାରିବାରୁ କହିଛନ୍ତି, ସେ ନୂତନ ଭାବେ କାର୍ଯ୍ୟରେ ଯୋଗ ଦେଇଥିବା କାରଣରୁ କିଛି ଜାଣି ନାହାନ୍ତି। ତଥାପି ଏହାର ଅନୁସନ୍ଧାନ କରି ବିଭାଗକୁ ତଥ୍ୟ ପ୍ରଦାନ କରିବେ ବୋଲି କହିଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ, ଉକ୍ତ କାର୍ଯ୍ୟରେ ଦୁର୍ନୀତି ହୋଇଥିବା ସୂଚନା ପାଇ ବିଭାଗୀୟ ଉଚ୍ଚ ପଦାଧିକାରୀଙ୍କ ଦ୍ୱାରା ପୂର୍ବରୁ ଏକାଧିକ ବାର ତଦନ୍ତ ହୋଇଛି। କିନ୍ତୁ ତଦନ୍ତର ଫଳାଫଳ ସମ୍ବନ୍ଧରେ ବିଭାଗ ପକ୍ଷରୁ ଗୋପନ ରଖାଯାଇଛି। ସେହିପରି ଧୋବଲିପଥର ଗ୍ରାମରୁ କେନ୍ଦୁଆଗଣ ଗ୍ରାମକୁ ସଂଯୋଗ କରୁଥିବା ପିଚୁ ରାସ୍ତାର ଦୁଇ ପାର୍ଶ୍ୱରେ ଚାରା ରୋପଣ ହୋଇଛି। ହେଲେ ଏବେ ସେଠାରେ ଗୋଟିଏ ମଧ୍ୟ ବୃକ୍ଷ ନ ଥିବା ଦେଖିବାକୁ ମିଳିଛି। ଏହାର ଏକ ଉଚ୍ଚସ୍ତରୀୟ ନିରପେକ୍ଷ ତଦନ୍ତ କରାଗଲେ ବାସ୍ତବତା ଲୋକଲୋଚନକୁ ଆସି ପାରନ୍ତା ବୋଲି ସାଧାରଣରେ ଦାବି ହୋଇଛି।

# ଗୋଲ୍ଡେନ୍ ଲ୍ୟାଣ୍ଡ୍ ଡେଭଲପର୍ସର ସମ୍ପତ୍ତି ଜବତ

## ୧୫ ଶହ ଏକର ଜମିର କାଗଜପତ୍ର, ୪୩.୪୮ ଲକ୍ଷ ଟଙ୍କା, ବିପୁଳ ବ୍ୟାଙ୍କ ଜମା ରହିଛି

ଭୁବନେଶ୍ୱର,୧୦।୨(ସୂର୍ଯ୍ୟକାନ୍ତ ବେହେରା)

ଚିଟ୍‌ଫଣ୍ଡ ସଂସ୍ଥା ଗୋଲ୍ଡେନ୍ ଲ୍ୟାଣ୍ଡ ଡେଭଲପର୍ସ ପ୍ରାଇଭେଟ୍ ଲିମିଟେଡ୍ ଉପରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ଗୁରୁବାର ଚଢ଼ାଉ କରାଯାଇଥିଲା। ୯୦୦ କୋଟି ଟଙ୍କାର ଚିଟ୍‌ଫଣ୍ଡ ଠକେଇ ମାମଲାରେ ଇଡିର ଏକାଧିକ ଟିମ୍ ଓଡ଼ିଶା ସମେତ ପଞ୍ଜାବ, ଚଣ୍ଡୀଗଡ଼, ଦିଲ୍ଲୀ ସମେତ ଦେଶର ପ୍ରାୟ ୧୯ଟି ସ୍ଥାନରେ ଏକକାଳୀନ ଚଢାଉ କରିଥିଲା। ଚଢାଉ ବେଳେ ୧୫ଶହ ଏକର ଜମିର କାଗଜପତ୍ର, ନଗଦ ୪୩.୪୮ ଲକ୍ଷ ଏବଂ ୬୪ ଲକ୍ଷରୁ ଅଧିକ ଟଙ୍କାର ବ୍ୟାଙ୍କ ଜମା ସମେତ ୩୫ ଲକ୍ଷ ଟଙ୍କାର ଏକ ଦାମୀ କାର୍ ଜବତ ହୋଇଥିବା ଶନିବାର ଇଡି ପକ୍ଷରୁ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦିଆଯାଇଛି। ଉକ୍ତ ସଂସ୍ଥା ସହ ଜଡ଼ିତ ଥିବା ଅଭିଯୁକ୍ତ ଏବଂ ଅନ୍ୟମାନେ ଲୋକଙ୍କଠାରୁ ରିୟଲ ଇଷ୍ଟେଟ ଡେଭଲପ୍ ନାଁରେ ବିପୁଳ ପରିମାଣର ଟଙ୍କା ସଂଗ୍ରହ କରୁଥିଲେ। ଏଥିସହ ବେଆଇନ ଆର୍ଥିକ ବ୍ୟବସାୟ, ଅଧିକ ଟଙ୍କାର ରିଟର୍ନ ପଲିସି ଏବଂ ବିଭିନ୍ନ ସ୍କିମ୍‌ରେ ଲାଭ ପାଇବାର ପ୍ରଲୋଭନ ଦେଖାଇ ଲୋକଙ୍କୁ ଠକୁଥିବା ଇଡି ତଦନ୍ତ ବେଳେ ଜାଣିବାକୁପାଇଛି। ସେହିଭଳି ସଂସ୍ଥାର ନିର୍ଦ୍ଦେଶକ ଏବଂ ସହଯୋଗୀଙ୍କ ଆକାଉଣ୍ଟକୁ ନଗଦ ଅର୍ଥ କାରବାର ହୋଇ ବିନିଯୋଗ ହୋଇଥିବାର ପ୍ରମାଣ ପାଇଛି ଇଡି।

ସୂଚନାନୁଯାୟୀ, ଦିଲ୍ଲୀରେ ପଞ୍ଜୀକୃତ ହୋଇଥିବା ଏହି ସଂସ୍ଥା ୨୦୦୭-୨୦୦୮ ମସିହାରେ ଓଡ଼ିଶାର କନ୍ଧମାଳ, ବୌଦ୍ଧ, ଗଞ୍ଜାମ ଓ ପୁରୀ ଆଦିରେ ଶାଖା କାର୍ଯ୍ୟାଳୟ ଖୋଲି କର୍ମଚାରୀଙ୍କୁ ନିଯୁକ୍ତି ଦେଇଥିଲା। ଉକ୍ତ ସଂସ୍ଥା କର୍ମଚାରୀମାନଙ୍କ ଦ୍ୱାରା ଅନେକ ଲୋକଙ୍କଠାରୁ ବହୁ ଟଙ୍କା ଗ୍ରହଣ କରି ଠକେଇ କରିଥିଲା। ଏନେଇ କ୍ରାଇମବ୍ରାଞ୍ଚର ଇଓଡବ୍ଲ୍ୟୁ ନିକଟରେ ବହୁ ଲୋକ ଅଭିଯୋଗ କରିବା ପରେ ମାମଲା ରୁଜୁ ହୋଇଥିଲା। ଏଥିସହ ଅନ୍ୟ ତଦନ୍ତ ଏଜେନ୍ସି ମଧ୍ୟ ୪ରୁ ଊର୍ଦ୍ଧ୍ୱ ମାମଲା ରୁଜୁ କରିଥିଲା। ସିବିଆଇ ପକ୍ଷରୁ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବାବେଳେ ନିକଟରେ ଚାର୍ଜଶିଟ୍ ଦାଖଲ କରାଯାଇଛି। ଏହାକୁ ଆଧାର କରି ଇଡି ଅଧିକାରୀମାନେ ତଦନ୍ତକୁ ଆଗକୁ ବଢ଼ାଇବା ସହ ଗୁରୁବାର ସକାଳେ ଭୁବନେଶ୍ୱର, ଗଞ୍ଜାମର ବିଭିନ୍ନ ସ୍ଥାନରେ ଯାଞ୍ଚ କରି ବହୁ ସନ୍ଦେହ ଜନକ କାଗଜପତ୍ର ଜବତ କରିଥିଲା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦିଆକୁ ଦିଆ**
**ଅଦିଆକୁ ଦୁଆର ଦିଆ।**

ଦେବା ଲୋକକୁ ସମସ୍ତେ ସ୍ୱାଗତ କରିଥାନ୍ତି। କିଛି ଅସୁବିଧାର ସମ୍ମୁଖୀନ ହେଲେ ଦେଉଥିବା ବ୍ୟକ୍ତି ପ୍ରତି ସମବେଦନା ଜ୍ଞାପନ କରିଥାନ୍ତି। ଭଲରେ ମନ୍ଦରେ ସାହାଯ୍ୟ କରିବାକୁ ଆଗେଇ ଆସିଥାନ୍ତି। କିନ୍ତୁ ଯିଏ କେବେ ଦିଏ ନାହିଁ, ଦେବାକଥା ପଡ଼ିଲେ ମୁହଁ ବୁଲାଇଦିଏ, ତାକୁ କେହି କେବେ ପସନ୍ଦ କରି ନ ଥାନ୍ତି। ପରୋପକାରୀ ହୋଇ ନ ଥିବା ହେତୁ ତାଙ୍କ ପ୍ରତି କେହି ସହାନୁଭୂତି ଦେଖାଇବାକୁ ଉଚିତ ମଣୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

**ଦକ ପଶିଲା ଛାତିରେ;**
**ନିଦ ନ ମାଡ଼ିଲା ରାତିରେ।**

ଏକୁଟିଆ ରହିଥିବା ବ୍ୟକ୍ତି ସଦାସର୍ବଦା ଆତଙ୍କିତ ଅବସ୍ଥାରେ ରହିଥାନ୍ତି। ସେହିପରି ରାତ୍ରି ସମୟରେ କିଛି ଅଘଟଣ ଘଟିବା ଭୟରେ ମନରେ ଛନକା ପଶିବା ସହ ଆହୁରି ଶଙ୍କାଗ୍ରସ୍ତ ହୋଇପଡିଥାନ୍ତି ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

ପ୍ରଥମ ପୃଷ୍ଠାରୁ...

## ୫୦୦ ଟଙ୍କା ବଢ଼ିଲା ...

ନିକଟରେ ମୁଖ୍ୟମନ୍ତ୍ରୀ ମଧୁବାବୁ ପେନ୍‌ସନ ଯୋଜନାର ହିତାଧିକାରୀମାନଙ୍କ ସଂଖ୍ୟା ବୃଦ୍ଧି କରିଥିଲେ। ୨୦୨୩ ଅଗଷ୍ଟରେ ୪.୧୩ ଲକ୍ଷ ବୃଦ୍ଧି ପାଇଥିଲା । ଏବେ ଆଉ ୪ ଲକ୍ଷ ହିତାଧିକାରୀଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି। ବର୍ତ୍ତମାନ ସମୁଦାୟ ୩୬.୭୫ ଲକ୍ଷ ହିତାଧିକାରୀ ଏହି ଯୋଜନାର ଲାଭ ପାଉଛନ୍ତି।

ସୂଚନାଯୋଗ୍ୟ, ରାଜ୍ୟ ସରକାର ବିଭିନ୍ନ ବର୍ଗର ଲୋକଙ୍କ ପାଇଁ ସାମାଜିକ ସୁରକ୍ଷା ପେନ୍‌ସନ ବ୍ୟବସ୍ଥା କରିଛନ୍ତି। ଏଥିରେ ବରିଷ୍ଠ ନାଗରିକ, ବିଧବା, ଭିନ୍ନକ୍ଷମ, ଅବିବାହିତ ମହିଳା, ସୁସ୍ଥ ହୋଇଥିବା କୁଷ୍ଠରୋଗୀ, ଓଡ଼ିଶା ରାଜ୍ୟ ଏଡ୍‌ସ ସେଲ୍ ଦ୍ୱାରା ଚିହ୍ନଟୀକୃତ ଏଡ୍‌ସ ରୋଗୀ, ଛାଡ଼ପତ୍ର ପାଇଥିବା ମହିଳା, କିନ୍ନର, କୋଭିଡ୍ ଦ୍ୱାରା ହୋଇଥିବା ଅନାଥ ପିଲା ଓ ବିଧବାଙ୍କ ସହିତ ଅନ୍ୟାନ୍ୟ ଦୁର୍ବଳ ଶ୍ରେଣୀର ବ୍ୟକ୍ତିଙ୍କୁ ସାମିଲ କରାଯାଇଛି। ଏଥିସହିତ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ହିତାଧିକାରୀମାନଙ୍କୁ ମଧ୍ୟ ରାଜ୍ୟ ସରକାର ଅତିରିକ୍ତ ସହାୟତା ଦେଉଛନ୍ତି। ଏହି ଯୋଜନାରେ ଛୋଟପିଲାଠାରୁ ୭୯ ବର୍ଷ ପର୍ଯ୍ୟନ୍ତ ହିତାଧିକାରୀମାନେ ମାସକୁ ୫୦୦ ଟଙ୍କା ପାଉଛନ୍ତି। ୮୦ ବର୍ଷ ବା ଅଧିକ ବୟସର ଲୋକ ମାସକୁ ୭୦୦ ଟଙ୍କା ପାଉଛନ୍ତି। ଭିନ୍ନକ୍ଷମ ବ୍ୟକ୍ତିଙ୍କ କ୍ଷେତ୍ରରେ ୪୦ରୁ ୫୯ ପ୍ରତିଶତ ଅକ୍ଷମତା ଥିବା ଲୋକ ମାସକୁ ୫୦୦ ଟଙ୍କା ପାଉଥିବା ବେଳେ ୬୦ ପ୍ରତିଶତ ବା ଅଧିକ ଅକ୍ଷମତା ଥିବା ବ୍ୟକ୍ତି ୭୦୦ ଟଙ୍କା ପାଉଛନ୍ତି। ୬୦ ପ୍ରତିଶତରୁ ଅଧିକ ଅକ୍ଷମତା ଥିବା ୮୦ ବର୍ଷ ବୟସରୁ ଊର୍ଦ୍ଧ୍ୱ ଲୋକଙ୍କୁ ମାସିକ ୯୦୦ ଟଙ୍କା ମିଳିଥାଏ। ବର୍ତ୍ତମାନ ସମସ୍ତ ହିତାଧିକାରୀ ଏହି ବର୍ଦ୍ଧିତ ଭତ୍ତା ପାଇବେ।

## ନିର୍ବାଚନ ପୂର୍ବରୁ ...

ନେତୃତ୍ୱର ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ। ତେବେ କଂଗ୍ରେସ ନେତାମାନେ ସେମାନଙ୍କ ପ୍ରତିଶ୍ରୁତିରୁ ମୁହଁ ଫେରାଇ ନେଇଥିଲେ ବୋଲି ଶାହା କହିଛନ୍ତି। କାହାର ନାଗରିକତ୍ୱ ଛଡ଼ାଇନେବା ପାଇଁ ସିଏଏ ଅଣାଯାଇ ନାହିଁ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ସ୍ପଷ୍ଟ କରିଦେଇଛନ୍ତି। ଆଇନରେ ସେଭଳି କୌଣସି ବ୍ୟବସ୍ଥା ନାହିଁ। ପଡୋଶୀ ଦେଶରୁ ଆସି ଏଠାରେ ରହିଥିବା ଲୋକମାନଙ୍କୁ ନାଗରିକତ୍ୱ ଦେବା ନିମନ୍ତେ ସିଏଏ ଅଣାଯାଇଛି। କିନ୍ତୁ ଆମ ମୁସଲମାନ ଭାଇମାନଙ୍କ ମଧ୍ୟରେ ଭୁଲ୍ ଧାରଣା ସୃଷ୍ଟି କରାଯାଇ ସେମାନଙ୍କୁ ଉସୁକାଯାଉଛି। ଏହି ଆଇନକୁ କେହି ବିରୋଧ କରିବା ଉଚିତ ନୁହେଁ ବୋଲି ଶାହା କହିଛନ୍ତି। ୨୦୧୯ ଡିସେମ୍ବରରେ ସିଏଏ ପାର୍ଲାମେଣ୍ଟରେ ଗୃହୀତ ହେବା ଏବଂ ରାଷ୍ଟ୍ରପତିଙ୍କ ସ୍ୱୀକୃତି ପାଇବା ପରେ ଦେଶର କେତେକ ଭାଗରେ ବ୍ୟାପକ ବିକ୍ଷୋଭ ହୋଇଥିଲା। ଏହି ଆନ୍ଦୋଳନବେଳେ ହିଂସାକାଣ୍ଡ ଘଟି ଶତାଧିକ ଲୋକଙ୍କ ଜୀବନ ଯାଇଥିଲା। ସିଏଏକୁ କାର୍ଯ୍ୟକାରୀ କରିବାରେ ୪ ବର୍ଷ ବିଳମ୍ବ ହୋଇଥିବାରୁ କାର୍ଯ୍ୟକାରିତା ପାଇଁ ନିୟମାବଳୀ ଜରୁରୀ। ନିୟମାବଳୀ ପ୍ରସ୍ତୁତ ହେବା ସହ ସମସ୍ତ ପ୍ରକ୍ରିୟା ଅନ୍‌ଲାଇନ୍‌ରେ ହେବା ଲାଗି ଅନ୍‌ଲାଇନ ପୋର୍ଟାଲ ମଧ୍ୟ ପ୍ରସ୍ତୁତ ରହିଛି। ନାଗରିକତ୍ୱ ପାଇଁ ଆବେଦନ କରିବାକୁ ଚାହୁଁଥିବା ଲୋକମାନେ ବିନା କାଗଜପତ୍ରରେ କେବେ ଭାରତରେ ପ୍ରବେଶ କରିଥିଲେ, ତାହା ଘୋଷଣା କରିବାକୁ ହେବ। ଆବେଦନକାରୀଙ୍କଠାରୁ କୌଣସି ଦସ୍ତାବିଜ୍ ମଗାଯିବ ନାହିଁ। ସିଏଏ ଆଇନ ଅନୁଯାୟୀ ବିନା ଡକ୍ୟୁମେଣ୍ଟରେ ଆସିଥିବା ଉପରୋକ୍ତ ୩ ଦେଶର ସଂଖ୍ୟାଲଘୁମାନଙ୍କୁ ସମସ୍ତ ସୁବିଧା ଯୋଗାଇ ଦିଆଯିବ।

ବିବାଦୀୟ ସିଏଏ ଲାଗୁ କରିବା ଗତ ଲୋକ ସଭା ଏବଂ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପୂର୍ବରୁ ଭାଜପାର ବଡ଼ ପ୍ରତିଶ୍ରୁତି ଥିଲା। ପଶ୍ଚିମବଙ୍ଗରେ ଭାଜପାର ଉତ୍ଥାନରେ ଏହା ଏକ ପ୍ରଶଂସନୀୟ କାରଣ ଥିଲା ବୋଲି ଭାଜପା ନେତାମାନେ ବିଚାର କରିଥାନ୍ତି। ସଂସଦୀୟ କାର୍ଯ୍ୟ ନିୟମାବଳୀ ଅନୁଯାୟୀ, କୌଣସି ବିଲ୍ ଉପରେ ରାଷ୍ଟ୍ରପତିଙ୍କ ମୋହର ଲାଗିବାର ୬ ମାସ ମଧ୍ୟରେ ଏହା ଉପରେ ନିୟମାବଳୀ ପ୍ରଣୟନ ହେବା ଆବଶ୍ୟକ କିମ୍ବା ସମୟ ବଢ଼ାଇବା ପାଇଁ ଲୋକ ସଭା ଏବଂ ରାଜ୍ୟ ସଭାର କମିଟିଗୁଡ଼ିକଠାରୁ ଅନୁମତି ନେବାକୁ ହେବ। ନିୟମାବଳୀ ପ୍ରଣୟନ ପାଇଁ ସମୟ ଗଡ଼ାଇବା ନିମନ୍ତେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ୨୦୨୦ରୁ ନିୟମିତ ବ୍ୟବଧାନରେ ସଂସଦୀୟ କମିଟିର ଅନୁମତି ନେଉଥିଲା। ନାଗରିକତ୍ୱ ଆଇନ, ୧୯୫୫ ଅନୁଯାୟୀ ୩ ପଡୋଶୀ ଦେଶରୁ ଆସିଥିବା ହିନ୍ଦୁ, ଶିଖ୍, ବୌଦ୍ଧ, ଜୈନ, ପାର୍ସି ଓ ଖ୍ରୀଷ୍ଟିଆନ୍‌ମାନଙ୍କୁ ଭାରତୀୟ ନାଗରିକତ୍ୱ ପ୍ରଦାନ ଲାଗି ଗତ ୨ ବର୍ଷରେ ୯ ରାଜ୍ୟର ଗୃହ ସଚିବ ଏବଂ ୩୦ରୁ ଊର୍ଦ୍ଧ୍ୱ ଜିଲାପାଳଙ୍କୁ କ୍ଷମତା ପ୍ରଦାନ କରାଯାଇଛି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ୨୦୨୧-୨୨ ବର୍ଷର ରିପୋର୍ଟ ଅନୁଯାୟୀ ୨୦୨୧ ଏପ୍ରିଲ ୧ରୁ ଡିସେମ୍ବର ୩୧ ମଧ୍ୟରେ ପାକିସ୍ତାନ, ବାଂଲାଦେଶ ଓ ଆଫଗାନିସ୍ତାନର ୧,୪୧୪ ଅଣମୁସଲମାନ ସଂଖ୍ୟାଲଘୁଙ୍କୁ ନାଗରିକତ୍ୱ ଆଇନ, ୧୯୫୫ ଅନୁଯାୟୀ ନାଗରିକତ୍ୱ ପ୍ରଦାନ କରାଯାଇଛି। ସେହି ରାଜ୍ୟଗୁଡ଼ିକ ହେଲେ ଗୁଜରାଟ, ରାଜସ୍ଥାନ, ଛତିଶଗଡ଼, ହରିୟାଣା, ପଞ୍ଜାବ, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, ଦିଲ୍ଲୀ ଏବଂ ମହାରାଷ୍ଟ୍ର।

## ଶାଳଗଣ୍ଡି ବୋଝେଇ ପିକ୍‌ଅପ୍ ଜବତ

ବେତନଟୀ,(ଧରଣୀଧର ମହାନ୍ତି): ମୟୂରଭଞ୍ଜ ଜିଲା ବେତନଟୀ ରେଞ୍ଜ କାର୍ଯ୍ୟାଳୟ ଅଧୀନ ତାରାକୋଠି ନିକଟରେ ଶୁକ୍ରବାର ରାତିରେ ଶାଳଗଣ୍ଡି ବୋଝେଇ ପିକ୍‌ଅପ୍‌କୁ ବନ ବିଭାଗ ଜବତ କରିଛି। ପିକ୍‌ଅପ୍‌ରେ ଶାଳଗଣ୍ଡି ବୋଝେଇ ହୋଇ ବାଲେଶ୍ୱର ଅଭିମୁଖେ ଯାଉଥିଲା। ଗାଡ଼ିର ନମ୍ବର ନ ଥିବାରୁ ସନ୍ଦେହ କରି ବନ ବିଭାଗ ଚଢ଼ାଉ କରିଥିଲା। ଚାଳକ ଗାଡ଼ି ରଖି ଫେରାର ହୋଇଯାଇଥିବାଲେ। ଚଢ଼ାଉରେ ବେତନଟୀ ବନବିଭାଗ ସହିତ ବାରିପଦା, ରାସଗୋବିନ୍ଦପୁର ବନ ବିଭାଗ ସାମିଲ ଥିଲେ।

## ସଂକ୍ଷେପରେ

### ବେଆଇନ ପଥର ବୋଝେଇ ୨ ଡମ୍ଫର ଜବତ

ସୋର, ୧୦।୨(ଜନ୍ମେଜୟ ମିଶ୍ର)–ସୋର ଥାନା କେଶରୀପୁର ପଞ୍ଚାୟତ ଜାମପଦା ନିକଟରୁ ଦୁଇଟି ବେଆଇନ ପଥର ବୋଝେଇ ଡମ୍ଫରକୁ ସୋର ପୋଲିସ ଜବତ କରି ୨ ଚାଳକଙ୍କୁ ଥାନାରେ ଅଟକ ରଖିଛି। ସୋର ଥାନାଧିକାରୀ ପ୍ରଭାଂଶୁ ଶେଖର ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ସୋର ଥାନା ଏସ୍‌ଆଇ ଇତିପ୍ରିୟା ଦାସ ସଦଳବଳେ ଜାମପଦା କେନାଲ ନିକଟରେ ଚଢାଉ କରି ଖାଦାନରୁ ପଥର ବୋଝେଇ କରି ଆସୁଥିବା ଡମ୍ଫରଗୁଡିକର କାଗଜପତ୍ର ଯାଞ୍ଚ କରିଥିଲେ। ଏହି ସମୟରେ ଦୁଇଟି ଡମ୍ଫର(ନଂ. ଓଡି ୦୧କେ ୬୯୨୭ ଏବଂ ଓଆର ୦୧ଏସ ୦୦୨୭) ବେଆଇନ ଭାବେ ପଥର ପରିବହନ କରୁଥିବା ଜାଣି ପାରି ଜବତ କରି ଥାନାକୁ ଆଣିଥିଲେ। ପୋଲିସ ଚାଳକଦ୍ୱୟଙ୍କୁ ଥାନାରେ ଅଟକ ରଖି ତଦନ୍ତ ଆରମ୍ଭ କରିଛି।

### ଉତ୍ତର ଓଡ଼ିଶା ବିକାଶ ଫୋରମର ନୂତନ କର୍ମକର୍ତ୍ତା

ବାଲେଶ୍ୱର, ୧୦।୨(ମାନସ ବିଶ୍ୱାଳ)–ବାଲେଶ୍ୱର ସହରସ୍ଥିତ ଆତିଥ୍ୟ ଭବନରେ ଉତ୍ତର ଓଡ଼ିଶା ବିକାଶ ଫୋରମର ନୂତନ କର୍ମକର୍ତ୍ତା ନିର୍ବାଚନ ଓ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହାକୁ ପୂର୍ବତନ କାର୍ଯ୍ୟକାରୀ ସଭାପତି ବିଭୂପଦ ଦାସ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଆୟୋଜିତ ସଭାରେ ସଙ୍ଗଠନର ଆଭିମୁଖ୍ୟ ଓ ଚଳିତବର୍ଷର ବିଭିନ୍ନ ସମାଜସେବା ସମ୍ପର୍କିତ କାର୍ଯ୍ୟକ୍ରମ ଉପରେ ଆଲୋଚନା କରାଯାଇଥିଲା।

ତପନ କୁମାର ପତିଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ନୂତନ କର୍ମକର୍ତ୍ତାମାନଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଥିଲା। ଏହି କର୍ମକର୍ତ୍ତାମାନେ ଆସନ୍ତା ୨୦୨୯ ମସିହା ପର୍ଯ୍ୟନ୍ତ ଦାୟିତ୍ୱରେ ରହିବେ। ସଭାପତି ଭାବେ ବିଭୂପଦ ଦାସ, ସମ୍ପାଦକ ଭାବେ ତପନ କୁମାର ପତି, ସହସମ୍ପାଦକ ସୁବାଷ ମାସନ୍ତ, ଉପସଭାପତି ଭାବେ ସାଇରୁଲ୍ ହକ୍, କୋଷାଧ୍ୟକ୍ଷ ଧୀରେନ୍ଦ୍ର କୁମାର ଜଗାନିୟା, ମହିଳା କୋ–ଅଡ଼ିନେଟର ଅନ୍ନପୂର୍ଣ୍ଣା ରାଉତ, କାର୍ଯ୍ୟକାରୀ କମିଟି ସଦସ୍ୟମାନେ ହେଲେ ସତ୍ୟେନ୍ଦ୍ର ରାଉତ, ଜ୍ଞାନନନ୍ଦ ମିଶ୍ର, ମନୋଜ ଖଟୁଆ, ସନ୍ତୋଷ କୁମାର ଅଗସ୍ତି, ଗୟାଧର କର, ତୁଷାରକାନ୍ତ ତପସ୍ୱୀ, କମଳାକାନ୍ତ ନାୟକ, ଅମୂଲ୍ୟ ସେଠୀ, ପ୍ରଶାନ୍ତ ପଣ୍ଡା ଓ ବିଷ୍ଣୁପଦ ଚୌଧୁରୀ ପ୍ରମୁଖ ମନୋନୀତ ହୋଇଛନ୍ତି। ଉପଦେଷ୍ଟା ଭାବେ ଅରବିନ୍ଦ ବାରିକ, ତ୍ରୟନାଥ ବାଗ, ସୀତାରାମ ପ୍ରଧାନ, ସୂର୍ଯ୍ୟକାନ୍ତ କର, ରବୀନ୍ଦ୍ରନାଥ ସ, ବୈଲୋଚନ ଦାସ ଏବଂ ରାଇମୋହନ ପଟ୍ଟନାୟକଙ୍କୁ ମନୋନୀତ କରାଯାଇଛି। କର୍ମକର୍ତ୍ତା ନିର୍ବାଚନ ପରେ ନୂତନ ସଭାପତି, ସମ୍ପାଦକ ଓ କୋଷାଧ୍ୟକ୍ଷଙ୍କୁ କର୍ମକର୍ତ୍ତାମାନେ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ।

### ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ପରଲୋକ

ପାଟଣା,୧୦।୨(ବୀର କିଶୋର ଦାଶ): କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ୍ ଉଦୟପୁର ପଞ୍ଚାୟତ ରାମପୁର ଗ୍ରାମର ଅବସରପ୍ରାପ୍ତ ସେନା କର୍ମଚାରୀ ମାଧବ ଚନ୍ଦ୍ର ମହାନ୍ତ(୬୭)ଙ୍କ ଶୁକ୍ରବାର ହୃଦ୍‌ଘାତରେ ପରଲୋକ ଘଟିଛି। ସେ



ସେନାବାହିନୀରେ ହାବିଲଦାର ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି। ଅବସର ପ୍ରାପ୍ତ ସୈନିକ କଲ୍ୟାଣ ସଂଘ ପାଟଣା, ସାହାରପଡ଼ାର ସଦସ୍ୟ ଅନ୍ତିମ ଦର୍ଶନ ସହ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଅବସରପ୍ରାପ୍ତ ସୈନିକ ସଂଘର ଅଧ୍ୟକ୍ଷ କ୍ୟାପଟେନ ଉପେନ୍ଦ୍ର ମହାନ୍ତ, ସମ୍ପାଦକ ସୁବେଦାର ନାରାୟଣ ବାରିକ, ସୁବେଦାର ପରମେଶ୍ୱର ମହାନ୍ତ, ନାଏବ ସୁବେଦାର ଭରତ ଚନ୍ଦ୍ର ମହାନ୍ତ, ସୁବେଦାର ରବୀନ୍ଦ୍ରନାଥ ମହାନ୍ତ, ହାବିଲଦାର ନୀଳମଣି ମହାନ୍ତ, ହାବିଲଦାର ତ୍ରିଲୋଚନ ମହାନ୍ତ, ହାବିଲଦାର ଇନ୍ଦ୍ରମଣି ମହାନ୍ତ, ହାବିଲଦାର ବିଦ୍ୟାଧର ମହାନ୍ତ, ହାବିଲଦାର ସ୍ୱରୂପ ମହାନ୍ତ, ନାଏବ ସୁବେଦାର ବାଳକୃଷ୍ଣ ମହାନ୍ତ, ନାଏକ ହେମନ୍ତ ମହାନ୍ତ, ନାଏକ ଲକ୍ଷ୍ମୀଧର ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଗାଁ ପୋଖରୀ ନିକଟରେ ଅନ୍ତିମ ସଂସ୍କାର ସମ୍ପନ୍ନ ହୋଇଛି। ପୁଅ ମନିଶ ମୁଖାଗ୍ନି ଦେଇଥିଲେ।

# ସଜେଇ ହେଉଛି ସରମରା

## ୪ ମଣ୍ଡପରେ ୭ଦିନ ପୂଜା ପାଇବେ ମା’ ସରସ୍ୱତୀ

ଭଦ୍ରକ,୧୦।୨(ସନାତନ ରାଉତ)

ସରସ୍ୱତୀ ପୂଜା ପାଇଁ ଭଦ୍ରକ ଜିଲାରେ ପ୍ରସିଦ୍ଧି ଲାଭ କରିଥିବା ବନ୍ତ ବ୍ଲକ ଓଡ଼ଙ୍ଗ ପଞ୍ଚାୟତର ସରମରା ଗାଁ ସଜେଇ ହେଉଛି। ପୂଜାକୁ ଆଉ ୪ ଦିନ ବାକି ଥିବା ବେଳେ ଗାଁରେ ଲୋକଙ୍କ ମଧ୍ୟରେ ଆନନ୍ଦ ଉତ୍ସାହ ଦେଖିବାକୁ ମିଳିଛି। ଗାଁର ୪ ମଣ୍ଡପରେ ୭ ଦିନ ଧରି ମା’ ବିଦ୍ୟାଦାତ୍ରୀ ପୂଜା ପାଇବେ। ପୂର୍ବରୁ ଗ୍ରାମରେ ଗୋଟିଏ ସ୍ଥାନରେ ମିଳିତ ଭାବେ ପୂଜା ଅନୁଷ୍ଠିତ ହୋଇ ଆସୁଥିବା ବେଳେ ୧୯୮୯ ଠାରୁ ୪ଟି ସ୍ଥାନରେ ପୃଥକ୍ ଭାବେ ପୂଜା କରାଯାଉଛି। ମା’ଙ୍କ ମୃଣ୍ମୟୀ ମୂର୍ତ୍ତି ସାଙ୍ଗକୁ ପାର୍ଶ୍ୱମୂର୍ତ୍ତି ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚି ଥିବାବେଳେ ସୁଉଚ୍ଚ ତୋରଣ ନିର୍ମାଣ ଚାଲିଛି। ଜିଲା ଓ ଜିଲା ବାହାରୁ ବ୍ୟବସାୟୀମାନେ ପସରା ମେଲିବା ପାଇଁ ପ୍ରସ୍ତୁତି ମଧ୍ୟ ଆରମ୍ଭ କରିଦେଇଛନ୍ତି। ୭ ଦିନ ଧରି ପ୍ରତ୍ୟେକ ସନ୍ଧ୍ୟାରେ ମେଲୋଡ଼ି, ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରତିଭା ସମ୍ବର୍ଦ୍ଧନା, ସାଧାରଣ ସଭା ଆଦି କାର୍ଯ୍ୟକ୍ରମ ରହିଛି।

ଗ୍ରାମର ଉତ୍ତର ଦିଗ ସ୍କୁଲ ନିକଟରେ ୟୁନାଇଟେଡ କ୍ଲବ, ଦକ୍ଷିଣରେ ଜୟକିଷାନ କ୍ଲବ, ଗାଁ ମଝିରେ ସରସ୍ୱତୀ ୟୁଥ କ୍ଲବ ଓ ଆସମିଶ କ୍ଲବ ପକ୍ଷରୁ ପୂଜା ପୂଜା କରାଯାଉଛି। ୟୁନାଇଟେଡ୍ କ୍ଲବର ଛବୀନ୍ଦ୍ର ବିଶ୍ୱାଳ, ରଙ୍ଗାଧର ନାୟକ, ଜୟ କିଷାନ କ୍ଲବ ପକ୍ଷରୁ ଦେବାନନ୍ଦ ମହାପାତ୍ର ପ୍ରମୁଖ ଦାୟିତ୍ୱ ନେଇଛନ୍ତି। ସେହିପରି ଆସମିଶ କ୍ଲବର ପ୍ରଶାନ୍ତ ଦାସ, ପ୍ରିୟବ୍ରତ ଦାସ ଓ ସରସ୍ୱତୀ ୟୁଥ୍ କ୍ଲବ ପକ୍ଷରୁ ସୁଧାକର ବିଶ୍ୱାଳ ଓ ବିଷ୍ଣୁମୋହନ ବିଶ୍ୱାଳ ପୂଜା ଦାୟିତ୍ୱ ନେଇଛନ୍ତି। ପ୍ରତ୍ୟେକ ସନ୍ଧ୍ୟାରେ ଭଦ୍ରକ, ବାଲେଶ୍ୱର ଓ କେନ୍ଦୁଝର ଜିଲାରୁ ହଜାର ହଜାର ଦର୍ଶକଙ୍କ ଭିଡ଼ ଜମେ। ଗାଁ ଛାଡ଼ି ବାହାରେ ବିଭିନ୍ନ କର୍ମସଂସ୍ଥାନରେ ନିୟୋଜିତ ଥିବା ଯୁବକ, ଛାତ୍ରୀଛାତ୍ର ପୂଜା ପାଇଁ ଘରକୁ ଫେରିଥାନ୍ତି। ଯୁବକମାନଙ୍କ ମଧ୍ୟରେ ଭାଇଚାରାର ସମ୍ପର୍କ ସୃଷ୍ଟି ହୋଇଥାଏ। ପୂଜା ସମୟରେ ଗାଁର ବୟୋଜ୍ୟେଷ୍ଠ ବ୍ୟକ୍ତିମାନେ ଶାନ୍ତିଶୃଙ୍ଖଳା ପ୍ରତି ଧ୍ୟାନ ରଖିଥାନ୍ତି।



ଜଣେ ଶିଳ୍ପୀ ମୂର୍ତ୍ତିକୁ ଦୋମାଠିଆ କରୁଛନ୍ତି।

## ସବୁବର୍ଗର ଲୋକଙ୍କ ଉନ୍ନତି ଲାଗି ପ୍ରୟାସ



ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ କରାଯାଉଛି।

### ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ

ଖଇରା, ୧୦।୨(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ସୁଣ୍ଢିରା–ଗଣ୍ଡିବେଡ ପଞ୍ଚାୟତର ନୂଆସାହି ପଡିଆରେ ଶନିବାର ଆମ ଓଡିଶା–ନବୀନ ଓଡିଶାରେ ପଞ୍ଚାୟତ ସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସରପଞ୍ଚ ମମତାରାଣୀ ପରିଡାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଯୋଗଦେଇ ନବୀନ ସରକାରଙ୍କ ୨୪ବର୍ଷ ଶାସନରେ ସବୁ ବର୍ଗର ଲୋକଙ୍କର ଉନ୍ନତି ସାଧିତ ହୋଇଥିବା କହିଥିଲେ। ସମିତିସଭ୍ୟା ନଳିନୀ ସାହୁ, ଜିଲା ପରିଷଦ ସଭ୍ୟ ରଶ୍ମିତା ମହାପାତ୍ର ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ବିରେନ୍ଦ୍ର ସାମଲ ଓ ଜିଆରଏସ କ୍ଷୀରୋଦ ଜେନା ମଞ୍ଚ ପରିଚାଳନା କରିଥିଲେ । ନିର୍ବାହୀ ଅଧିକାରୀ ରଞ୍ଜନ ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ଯବାନ ଶରତ କୁମାର ଲେଙ୍କା, ଅବସରପ୍ରାପ୍ତ ଯବାନ ସନାତନ ଦାଶ, କଳାକାର ରଘୁନାଥ ଦାସ, ଏମ୍‌ବିକେ ଶକୁନ୍ତଳା ବେହେରା, ଅଙ୍ଗନୱାଡି କର୍ମୀ ମୀନତି ରଣା, ପ୍ରତିପଦ୍ମା ଜେନା, ଗ୍ରାମର ବରିଷ୍ଠ ନାଗରିକ ବନମାଳୀ ନାୟକଙ୍କ ସମେତ ଅନ୍ୟ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ ସ୍କୁଲ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ଓ ଗ୍ରାମବାସୀ ଉପସ୍ଥିତ ଥିଲେ ।

# କ୍ଷତିପୂରଣ ଦାବିରେ ମୃତଦେହ ରଖି ରାସ୍ତାରୋକୋ



ଉତ୍ୟକ୍ତ ଲୋକେ ମୃତଦେହ ନେଇ ଆସିଥିବା ଆମ୍ବୁଲାନ୍ସକୁ ଅଟକ ରଖିଛନ୍ତି।

### ଟ୍ରକ୍ ଧକ୍କାରେ ଯୁବକଙ୍କ ମୃତ୍ୟୁ ଘଟଣା

ଯୋଡ଼ା,୧୦।୨(ମାନସ ମହାନ୍ତି)

କେନ୍ଦୁଝର ଜିଲା ବାମେବାରି ଥାନା ଅଧୀନ ବଳଦା କାଳିମାଟି ରାସ୍ତାରେ ଏକ ହାଇୱା ଧକ୍କାରେ ଶୁକ୍ରବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିଲା। ଶନିବାର ମୃତଦେହ ବ୍ୟବଚ୍ଛେଦ ହୋଇ ଆସିବା ପରେ ପରିବାର ଲୋକଙ୍କୁ କ୍ଷତିପୂରଣ ପ୍ରଦାନ ଦାବିରେ ରାସ୍ତା ଅବରୋଧ ହୋଇଥିଲା। ଶତାଧିକ ମହିଳା ପୁରୁଷ ଆମ୍ବୁଲାନ୍ସକୁ ରାସ୍ତା ମଝିରେ ଅଟକ ରଖିଥିଲେ। ଫଳରେ ଅଞ୍ଚଳରେ ଖଣିଜ ପରିବହନ ଠପ୍ ହେବା ସହ ଟ୍ରାଫିକ୍ ସମସ୍ୟା ଉପୁଜିଥିଲା। ସୂଚନାଯୋଗ୍ୟ, ଶୁକ୍ରବାର ଅପରାହ୍ନରେ ଏକ ହାଇୱା ଧକ୍କାରେ ସ୍ଥାନୀୟ ଅଞ୍ଚଳର କୁନୁ ଗାଗରାଇଙ୍କ ମୃତ୍ୟୁ ଘଟିଥିଲା। ଉକ୍ତ ହାଇୱା ସ୍ଥାନୀୟ ଆରସେଲର ମିତଲ କମ୍ପାନୀରେ ଲୁହାପଥର ଖାଲି କରି ଫେରୁଥିବା ବେଳେ ଦୁର୍ଘଟଣା ଘଟିଥିଲା। ତେଣୁ ଘଟଣାରେ କମ୍ପାନୀକୁ ଦାୟୀ କରି ଲୋକେ ଆର୍ଥିକ କ୍ଷତିପୂରଣ ଦାବି କରିଥିଲେ। ସନ୍ଧ୍ୟା ୮ଟା ସମୟରେ ଘଟଣାସ୍ଥଳରେ ବାମେବାରି ପୋଲିସ, ଆରସେଲର ମିତଲ କମ୍ପାନୀ କର୍ତ୍ତୃପକ୍ଷ ଓ ଗ୍ରାମବାସୀଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। କମ୍ପାନୀ ପକ୍ଷରୁ ମୃତକଙ୍କ ସମ୍ପର୍କୀୟଙ୍କୁ ୫ ଲକ୍ଷ ୨୦ ହଜାର କ୍ଷତିପୂରଣ ଓ ପରିବାରର ଜଣଙ୍କୁ ନିଯୁକ୍ତି ପ୍ରତିଶ୍ରୁତି ପରେ ରାସ୍ତା ଅବରୋଧ ହଟିଥିଲା। ପ୍ରକାଶଯୋଗ୍ୟ, ଖଣିଜ ବୋଝେଇ ଟ୍ରକ୍ ଚଳାଚଳ ଓ ପାର୍କିଂ ବ୍ୟବସ୍ଥା ନ ଥିବାରୁ ଅଞ୍ଚଳରେ ପରିବହନ ଜନିତ ଦୁର୍ଘଟଣା ଦିନକୁ ଦିନ ବୃଦ୍ଧି ପାଉଛି। ଏଥିସହ ଟ୍ରାଫିକ୍ ସମସ୍ୟା ମଧ୍ୟ ହନ୍ତସନ୍ତ କରୁଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଅଘୋଷିତ ବିଦ୍ୟୁତ୍ କାଟ୍, ବଢୁଛି ଅସନ୍ତୋଷ

ଚମ୍ପୁଆ/ଯୋଡ଼ା,୧୦।୨(ମହେଶ୍ୱର ଦାସ/ମାନସ ମହାନ୍ତି): କେନ୍ଦୁଝର ଜିଲା ଚମ୍ପୁଆ ଓ ଯୋଡ଼ା ବ୍ଲକ୍ ଅଞ୍ଚଳରେ ଟାଟା ପାୱାରର ଅଘୋଷିତ ବିଦ୍ୟୁତ୍ କାଟକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ମରାମତି ଆଳରେ ମାସକୁ ୨ରୁ ଊର୍ଦ୍ଧ୍ୱ ଥର ସକାଳ ୮ ରୁ ସନ୍ଧ୍ୟା ୫ ପର୍ଯ୍ୟନ୍ତ ବିଦ୍ୟୁତ୍ କାଟ କରାଯାଉଛି। ଏହା ପରେ ମଧ୍ୟ ଅଘୋଷିତ ବିଦ୍ୟୁତ କାଟ୍ ହେଉଥିବାରୁ ଲୋକେ, ଛାତ୍ରୀଛାତ୍ର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷତଃ ଯୋଡ଼ା ଓ ଜୁରୁଡି ଅଞ୍ଚଳରେ ବିଦ୍ୟୁତ କାଟ ଯୋଗୁ ଦୈନନ୍ଦିନ ଜୀବନ ଉପରେ ପ୍ରଭାବ ପଡୁଛି। ଏପରିକି ଚଳିତ ମାସ ୨୦ ତାରିଖରେ ମାଟ୍ରିକ ବୋର୍ଡ ପରୀକ୍ଷା ଆରମ୍ଭ ହେବାକୁ ଥିବା ବେଳେ ଛାତ୍ରୀଛାତ୍ରଙ୍କ ପାଠ ପଢ଼ାରେ ସମସ୍ୟା ଉପୁଜୁଛି। ବିଦ୍ୟୁତ୍ କାଟ ଯୋଗୁ ପାନୀୟଜଳ ଯୋଗାଣରେ ବ୍ୟାଘାତ ଘଟୁଛି। ଉପଯୁକ୍ତ ସମୟରେ ପାନୀୟଜଳ ପାଇବାରୁ ଉପଭୋକ୍ତା ବଞ୍ଚିତ ହେଉଛନ୍ତି। ଏଥିସହ ଲୋ ଭଲଟେଜ୍ ପାଇଁ ବିଭିନ୍ନ ବୈଦ୍ୟୁତିକ ଉପକରଣ ମଧ୍ୟ ପୋଡ଼ି ନଷ୍ଟ ହୋଇଯାଉଛି। ଏ ନେଇ ବିଦ୍ୟୁତ୍ ବିଭାଗର ନିର୍ବାହୀ ଅଧିକାରୀ ମନୋରଞ୍ଜନ ଜେନା କହିଛନ୍ତି, ଝଡ଼ ବର୍ଷା ପାଇଁ ଯୋଡ଼ା ଗ୍ରୀଡ୍‌ରୁ ପଳାଶପଙ୍ଗାକୁ ଯାଇଥିବା ବିଦ୍ୟୁତ୍ ସରବରାହ କ୍ଷୟକ୍ଷତି ହୋଇଥିଲା। ତାର ମରାମତି କାର୍ଯ୍ୟ ଚାଲିଛି। ମୟୂରଭଞ୍ଜ କରଞ୍ଜିଆରୁ ବଳକା ବିଦ୍ୟୁତ୍ ସଂଗ୍ରହ କରାଯାଇ ଫେଜ୍ ବାଇ ଫେଜ୍ ବିଦ୍ୟୁତ ଯୋଗାଇ ଦିଆଯାଉଛି। ପରୀକ୍ଷାକୁ ଆଖି ଆଗରେ ରଖି ବିଦ୍ୟୁତ ସରବରାହକୁ ସୁଗମ କରାଯିବ ବୋଲି ସେ କହିଥିଲେ।

## ରାଶନ ହିତାଧିକାରୀଙ୍କୁ ବଣ୍ଟାଗଲା ଝୋଟ ବ୍ୟାଗ୍




ଜଣେ ହିତାଧିକାରୀ ଅଧିକାରୀଙ୍କଠାରୁ ବ୍ୟାଗ୍ ଗ୍ରହଣ କରୁଛନ୍ତି।

ଭଣ୍ଡାରିପୋଖରୀ,୧୦।୨(ରବିନାରାୟଣ ଖିଲାର)

ସବୁଜ ଓଡ଼ିଶା ଗଠନ ପାଇଁ ପ୍ଲାଷ୍ଟିକ ବ୍ୟବହାରକୁ ହ୍ରାସ କରିବା ଲକ୍ଷ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏବେ ସମସ୍ତ ରାଶନ ହିତାଧିକାରୀଙ୍କୁ ୨ଟି ଲେଖାଏ ଝୋଟ୍ ବ୍ୟାଗ୍ ପ୍ରଦାନ କରାଯାଉଛି। ଶନିବାର ଭଣ୍ଡାରିପୋଖରୀ ବ୍ଲକ ପ୍ରଶାସନ ପକ୍ଷରୁ ବ୍ୟାଗ୍ ପ୍ରଦାନ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। ବ୍ଲକ ଯୋଗାଣ ନିରୀକ୍ଷିକା ସନ୍ଦିପା ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ସୁମତି ସେଠୀ ଯୋଗଦେଇ ପ୍ଲାଷ୍ଟିକ ବ୍ୟବହାରର ଭୟାବହତା ଉପରେ ଆଲୋକପାତ କରିବା ସହ ରାଶନ ହିତାଧିକାରୀଙ୍କୁ ଝୋଟ ବ୍ୟାଗ୍ ପ୍ରଦାନ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କହିଥିଲେ। ବିଡିଓ ଦେବଦତ୍ତ ଦାସ ଯୋଗଦେଇ ସରକାର ଏଭଳି ଯୁଗାନ୍ତକାରୀ ପଦକ୍ଷେପ ନେଇଥିବା ହିତାଧିକାରୀଙ୍କୁ କହିଥିଲେ। ବ୍ଲକ କାର୍ଯ୍ୟାଳୟଠାରେ ପ୍ରାୟ ୪୦ ହିତାଧିକାରୀଙ୍କୁ ଏହି ବ୍ୟାଗ୍ ବଣ୍ଟନ କରାଯାଇଛି। ପରେ ପ୍ରତ୍ୟେକ ସରକାରୀ ସ୍ୱୀକୃତିପ୍ରାପ୍ତ ଖୁଚୁରା ବିକ୍ରୟ କେନ୍ଦ୍ରରେ ହିତାଧିକାରୀଙ୍କୁ ଏହି ବ୍ୟାଗ୍ ପ୍ରଦାନ କରାଯିବ।

# କପି ରୋକିବାକୁ ତ୍ରିସ୍ତରୀୟ ସ୍କ୍ୱାଡ ବ୍ୟବସ୍ଥା

### ମାଟ୍ରିକ ପରୀକ୍ଷା ପରିଚାଳନା ପ୍ରସ୍ତୁତି

କେନ୍ଦୁଝର,୧୦।୨(ନରେଶ ଚନ୍ଦ୍ର ପଟ୍ଟନାୟକ)

ଚଳିତ ବର୍ଷ ମାଟ୍ରିକ ପରୀକ୍ଷାକୁ ସୁରୁଖୁରୁରେ ପରିଚାଳନା କରିବାକୁ ଶିକ୍ଷା ବିଭାଗ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏହି ଅବସରରେ ଗୁରୁବାର କେନ୍ଦୁଝର ନରସିଂହ ସ୍ୱାଇଁ ପୋଲିସ ହାଇସ୍କୁଲଠାରେ ଜିଲାର ପରୀକ୍ଷାକେନ୍ଦ୍ରର ଅଧିକ୍ଷକମାନଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଯାଇଛି। ସୂଚନା ଅନୁଯାୟୀ, ମାଟ୍ରିକ ପରୀକ୍ଷା ଫେବୃଆରୀ ୨୦ରୁ ଆରମ୍ଭ ହୋଇ ମାର୍ଚ୍ଚ ୪ ତାରିଖରେ ଶେଷ ହେବ। କେନ୍ଦୁଝରରେ ୧୪୦ଟି ପରୀକ୍ଷା କେନ୍ଦ୍ର ଓ ୧୧ଟି ନୋଡାଲ କେନ୍ଦ୍ର ପ୍ରତିଷ୍ଠା କରାଯିବା ସହ ୪୭୭ ଗୋଟି ବିଦ୍ୟାଳୟର ମୋଟ ୨୫ ହଜାର ୨୮୦ଜଣ ପରୀକ୍ଷାର୍ଥୀ ମାଟ୍ରିକ୍ ପରୀକ୍ଷା ଦେବେ। ଚଳିତ ବର୍ଷ କପି ରୋକିବା ପାଇଁ ତ୍ରିସ୍ତରୀୟ ସ୍କ୍ୱାଡ ବ୍ୟବସ୍ଥା ହୋଇଛି। ଜିଲାସ୍ତରରେ ଗୋଟିଏ ଟିମ୍, ବୋର୍ଡ ପକ୍ଷରୁ ଗୋଟିଏ ଟିମ୍ ଏବଂ ବ୍ଲକସ୍ତରରେ ଗୋଟିଏ ଟିମ ଗଠନ କରାଯାଇଛି। ପରୀକ୍ଷାକେନ୍ଦ୍ରମାନଙ୍କୁ କୌଣସି ପରୀକ୍ଷାର୍ଥୀ, ଶିକ୍ଷୟିତ୍ରୀ ଓ ଶିକ୍ଷକ ମୋବାଇଲ ନେଇପାରିବେ ନାହିଁ। କେନ୍ଦ୍ର ଅଧିକ୍ଷକମାନଙ୍କୁ କ୍ୟାମେରା ଯୁକ୍ତ ଆଣ୍ଡ୍ରୋଏଡ୍ ଫୋନ୍ ନେବା ପାଇଁ କଟକଣା ଜାରି ହୋଇଛି। ଆର୍ଟିଫିସିଆଲ ଇଣ୍ଟିଲେଜେନ୍ସ (କୃତ୍ରିମ ବୁଦ୍ଧିମତା) ବ୍ୟବହାର କରାଯାଇ କପି ରୋକିବା ବ୍ୟବସ୍ଥା କରାଯିବ। କେନ୍ଦ୍ର ଗୁଡ଼ିକରେ ସିସିଟିଭି ଲଗାଯାଇ ରାଜ୍ୟସ୍ତରରେ ମନିଟରିଂ ବ୍ୟବସ୍ଥା କରାଯିବ। ଚଳିତବର୍ଷ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ବା ମାଟ୍ରିକ୍ ପରୀକ୍ଷାକୁ ଅବାଧ, କପିମୁକ୍ତ ଓ ଶୃଙ୍ଖଳିତ କରିବା ପାଇଁ ଯାଞ୍ଚ ବ୍ୟବସ୍ଥା କଡ଼ାକଡ଼ି କରାଯିବ ବୋଲି ଜିଲା ଶିକ୍ଷା ଅଧିକାରିଣୀ ଗୌରୀରାଣୀ ନାଏକ ପ୍ରକାଶ କରିଛନ୍ତି। ବୈଠକରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଜଗବନ୍ଧୁ ସାହୁ, ଜିଲା ବିଜ୍ଞାନ ପରିଦର୍ଶକ ପରମେଶ୍ୱର ମହାନ୍ତ ଯୋଗ ଦେଇଥିଲେ। ଏନଏସ୍ ପୋଲିସ ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ସନ୍ତୋଷିନୀ ସେଠୀ ବୈଠକ ପରିଚାଳନାରେ ସହଯୋଗ କରିଥିଲେ।

## ୨ ମନ୍ଦିରରେ ତାଲା, ପୂଜାର୍ଚ୍ଚନା ବନ୍ଦ

### ଥାନାରେ ଏତଲା

ବାସୁଦେବପୁର,୧୦।୨ (ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ନରସିଂହପୁର ପଞ୍ଚାୟତ ମଖଲପୁର ଗ୍ରାମର ରାମେଶ୍ୱର ମହାଦେବ ଏବଂ ମା’ ଛତ୍ର ଅଗଡାଳି ମନ୍ଦିରରେ ଗାଁର ଗୋଟିଏ ପରିବାର ତାଲା ପକାଇ ଦେଇଛନ୍ତି। ଫଳରେ ଶନିବାର ୨ ମନ୍ଦିରରେ ପୂଜାର୍ଚ୍ଚନା ବନ୍ଦ ରହିଛି। ଏହି ପୀଠର ବାର୍ଷିକ ଉତ୍ସବ ଆସନ୍ତା ୧୨ ତାରିଖରେ ହେବାକୁ ଥିବାବେଳେ ଗ୍ରାମବାସୀ ମନ୍ଦିର ଆଖପାଖ ଅଞ୍ଚଳ ସଫେଇ ଆରମ୍ଭ କରିଥିଲେ। ଗାଁର ଏକ ପରିବାର ଏହାକୁ ବିରୋଧ କରି ଏଠାରେ ମନ୍ଦିର ବାର୍ଷିକ ଉତ୍ସବ ହୋଇପାରିବ ନାହିଁ କହି ମନ୍ଦିରରେ ତାଲା ପକାଇ ଦେଇଥିଲେ। ପୂଜାବିଧି ବନ୍ଦ ରହିବାରୁ ଗ୍ରାମବାସୀ ଏନେଇ ବାସୁଦେବପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ୨ ମନ୍ଦିରର ପୂଜାବିଧି ସ୍ୱାଭାବିକ କରିବା ସହ ତାଲା ଫିଟାଇବାକୁ ଗ୍ରାମବାସୀ ଦାବି କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରି ଉକ୍ତ ପରିବାର ସଦସ୍ୟଙ୍କୁ ପଚରାଉଚରା କରିଛି।

## ସୁଦାମ ମାର୍ଣ୍ଡି ଟି–୧୦ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ବାଙ୍ଗିରିପୋଷି,୧୦।୨(ସଞ୍ଜୟ କୁମାର ଅଗ୍ରୱାଲା)

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଷ୍ଟେଶନ ମିନି ଷ୍ଟାଡ଼ିୟମ ପଡ଼ିଆରେ ଟି–୧୦ କ୍ରିକେଟ୍ ଟୁର୍ନାମେଣ୍ଟ ସୁଦାମ ମାର୍ଣ୍ଡି କପ୍ ଉଦ୍‌ଘାଟିତ ହୋଇଯାଇଛି। ଟୁର୍ନାମେଣ୍ଟରେ ୧୬ଟି ଟିମ ଅଂଶଗ୍ରହଣ କରିଥିବା ବେଳେ ଏହା ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି କମିଟି ପକ୍ଷରୁ ଜଣାପଡ଼ିଛି। ମୁଖ୍ୟ ଅତିଥିଭାବେ ବାଙ୍ଗିରିପୋଷି ବ୍ଲକ୍ ୨୮ ନମ୍ବର ଜୋନ୍ ଜିଲାପରିଷଦ ସଭ୍ୟ ରାମଚନ୍ଦ୍ର ମୁର୍ମୁ, ସମ୍ମାନିତ ଅତିଥିଭାବେ ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ସୁବୋଧ ମାର୍ଣ୍ଡି, ପ୍ରିୟନାଥ ମାର୍ଣ୍ଡି, ଶରତ ଚନ୍ଦ୍ର ବେହେରା, ସାମାଜିକକର୍ମୀ ତଥା ବଲକ ବିଜେଡି ସଭାପତି ବିରୋକିଶୋର ମହାନ୍ତି, ଉମାଶଙ୍କର ଶର୍ମା, ଖେଳ ଶିକ୍ଷୟିତ୍ରୀ ମିନତୀ ଜେନା, ମହାବିଦ୍ୟାଳୟ ଖେଳ ଶିକ୍ଷକ ଜଗନ୍ନାଥ ମହାନ୍ତ, ଯୁବନେତା ବିଶ୍ୱଜିତ୍ ଶର୍ମା, ପ୍ରଭାତ ପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ। ଟିମର ମାଲିକମାନେ ନିଜ ନିଜ ଖେଳାଳିମାନଙ୍କୁ ନେଇ ଉପସ୍ଥିତ ରହିଥିଲେ। ପ୍ରଥମ ପୁରସ୍କାର ଭାବେ ୧ ଲକ୍ଷ ଟଙ୍କା, ଦ୍ୱିତୀୟ ପୁରସ୍କାର ୫୦ ହଜାର ଟଙ୍କା ଏବଂ ତୃତୀୟ ଓ ଚତୁର୍ଥ ପୁରସ୍କାର ଭାବେ ୧୦ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯିବ। ଖେଳ ପରିଚାଳନା ପାଇଁ ସୋମ ମହାନ୍ତି, ସିପୁନ ମହାପାତ୍ର, କ୍ଲବ୍ ସଭାପତି ଟିକା ବେହେରା, ଉପ–ସଭାପତି ସୁରଜ ଗିରି, ସମ୍ପାଦକ କାଳିଆ ନାଏକ, କୋଷାଧ୍ୟକ୍ଷ ମଣ୍ଟୁ ଧଳ, ରାଜୁ ନାଏକ, ବାଦଲ ସାହୁ, ଲାଲଟୁ ଦାସ, ଅଙ୍କିତ ଶର୍ମା, କ୍ରିଷ୍ଣା ଗିରି ପ୍ରମୁଖ ଉପସ୍ଥିତ ରହିଥିଲେ।



ଆୟୋଜକ କମିଟି ସଦସ୍ୟ ଓ ଅତିଥିମାନେ।

# ପଦାର୍ଥ ବିଜ୍ଞାନ, ବାଲିଷ୍ଟିକ୍ କ୍ଷେତ୍ରରେ ଅଗ୍ରଗତି ସମ୍ପର୍କିତ ଜାତୀୟ ସମ୍ମିଳନୀ

ବାଲେଶ୍ୱର,୧୦।୨(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ରେମୁଣା ବ୍ଲକ ନୂଆପାଢ଼ିସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଓଡ଼ିଶା ଫିଜିକାଲ୍ ସୋସାଇଟିର ୪୦ତମ ବାର୍ଷିକ ସମ୍ମିଳନୀ ଓ ପଦାର୍ଥ ବିଜ୍ଞାନ ଏବଂ ବାଲିଷ୍ଟିକ୍ କ୍ଷେତ୍ରରେ ସାମ୍ପ୍ରତିକ ଅଗ୍ରଗତି ଉପରେ ଦୁଇଦିନିଆ ଜାତୀୟ ସମ୍ମିଳନୀ ପଦାର୍ଥ ବିଜ୍ଞାନ ବିଭାଗ ଦ୍ୱାରା ଉଦ୍‌ଘାଟିତ ହୋଇଛି।

ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ କାର୍ଯ୍ୟକ୍ରମର ମୁଖ୍ୟ ପୃଷ୍ଠପୋଷକତା କରି ଏହି ସମ୍ମିଳନୀ ଦ୍ୱାରା ଛାତ୍ରୀଛାତ୍ର ନିଜ ଜ୍ଞାନ ଓ ଗବେଷଣା ପାଇଁ ନୂତନ ଦିଗ ଆହରଣ କରିପାରିବେ ବୋଲି ମତପ୍ରକାଶ କରିଥିଲେ। ମୁଖ୍ୟଅତିଥି ଭାବେ ପରମାଣୁ ଶକ୍ତି କମିଶନର, ଚେୟାରମ୍ୟାନ୍ ତଥା ଭାରତ ସରକାରଙ୍କ ପରମାଣୁ ଶକ୍ତି ବିଭାଗ ସଚିବ ପ୍ରଫେସର ଅଜିତ କୁମାର ମହାନ୍ତି ଯୋଗଦେଇ ସୌରଶକ୍ତିର ଉପଯୋଗିତାକୁ ଶକ୍ତିର ମୁଖ୍ୟ ଉତ୍ସ ହେଉ ଏବଂ ଆଣବିକ ଶକ୍ତିର ଅପବ୍ୟବହାର ନ ହେଉ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରତିରକ୍ଷା ଅନୁସନ୍ଧାନ ଏବଂ ବିକାଶ ସଙ୍ଗଠନର




ସମ୍ମିଳନୀରେ ମଞ୍ଚାସୀନ ଅତିଥିଗଣ।

ନିର୍ଦ୍ଦେଶକ (ଆଇଟିଆର୍) (ଚାନ୍ଦିପୁର) ହରେକୃଷ୍ଣ ରଥ, ନିର୍ଦ୍ଦେଶକ (ପିଏକ୍ସଇ) ସୁବୋଧ କୁମାର ନାୟକ, ଓଡ଼ିଆ ଫିଜିକାଲ ସୋସାଇଟିର ପ୍ରେସିଡେଣ୍ଟ ପ୍ରଫେସର ରୀତା ପାଇକରାୟ, ଟାଟା ଇନଷ୍ଟିଚ୍ୟୁଟ ଅଫ ଫଣ୍ଡାମେଣ୍ଟାଲ ରିସର୍ଚ୍ଚର ନିର୍ଦ୍ଦେଶକ ପ୍ରଫେସର ଜୟରାମ ଏନ୍ ଚେଙ୍ଗାଲୁରୁ, ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟର ସ୍ନାତକ ପରିଷଦ ଅଧ୍ୟକ୍ଷ ପ୍ରଫେସର ସବ୍ୟସାଚୀ ପଟ୍ଟନାୟକ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ୧୧ଜଣ ପଦାର୍ଥ ବିଜ୍ଞାନର ବରିଷ୍ଠ ଅଧ୍ୟାପକମାନଙ୍କୁ ସମ୍ମାନିତ କରାଯାଇଥିଲା। ଯୁବ ବୈଜ୍ଞାନିକ ଭାବେ ଡ. ସୁଚିସ୍ମିତା ସାହୁ ଓ ଡ. ହମାଦ୍ରି ତନୟା ଦାସଙ୍କୁ ସମ୍ମାନିତ କରାଯାଇଥିଲା।

ଉଦ୍‌ଘାଟନୀ ଉତ୍ସବ ପରେ ପ୍ରଫେସର ଜୟରାମ ଚେଙ୍ଗାଲୁରୁ, ପ୍ରଫେସର ଭୂପେନ୍ଦ୍ର ଏନ୍ ଦେବ, ପ୍ରଫେସର ଅଜୟ କୁମାର ଘଟକଙ୍କ ଦ୍ୱାରା ବିଶିଷ୍ଟ ବୈଜ୍ଞାନିକଙ୍କ ସ୍ମୃତିଚାରଣ କରାଯାଇ ସେମାନଙ୍କ ଉଦ୍ଦେଶ୍ୟରେ ଗବେଷଣାତ୍ମକ ତଥ୍ୟ ଉପସ୍ଥାପନା କରାଯାଇଥିଲା। ଓଡ଼ିଶା ତଥା ଅନ୍ୟାନ୍ୟ ରାଜ୍ୟର ବିଭିନ୍ନ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନର ପଦାର୍ଥ ବିଜ୍ଞାନ ବିଶେଷଜ୍ଞ, ଅଧ୍ୟାପକ ଓ ଅଧ୍ୟାପିକାମାନେ ଯୋଗଦେଇ ସମ୍ମିଳନୀର ଅଧିବେଶନରେ ଅଂଶଗ୍ରହଣ କରିଥଲେ। ଉଦ୍‌ଘାଟନୀ ଉତ୍ସବକୁ ଡ. ସନ୍ତୋଷ କୁମାର ଅଗ୍ରୱାଲା, ଡ. ଡିକେ ମିଶ୍ର ଓ ଡ. ଆର ବିଶ୍ୱାଳ ସଂଯୋଜନା କରିଥିଲେ। ବିଶ୍ୱବିଦ୍ୟାଳୟ ସ୍ନାତକ ପରିଷଦ ସମ୍ମୁଖରେ ବାଲିଷ୍ଟିକ୍ ଅସ୍ତ୍ରଶସ୍ତ୍ରର ପ୍ରଦର୍ଶନର ସ୍ୱତନ୍ତ୍ର ବ୍ୟବସ୍ଥା ଆୟୋଜିତ ହୋଇଥିବା ବେଳେ ମିଶାଇଲ୍ ଟେକ୍ନୋଲୋଜିର ଯନ୍ତ୍ର ଏବଂ ମଡ଼େଲଗୁଡ଼ିକର ପ୍ରଦର୍ଶନୀ ସ୍ନାତକ ପରିଷଦ ସମ୍ମିଳନୀ କକ୍ଷ–୨ରେ କରାଯାଇଛି। ଚାନ୍ଦିପୁରସ୍ଥିତ ପ୍ରତିରକ୍ଷା ଅନୁସନ୍ଧାନ ଏବଂ ବିକାଶ ସଙ୍ଗଠନର ବିଶେଷଜ୍ଞ ଅଧିକାରୀମାନେ ପ୍ରଦର୍ଶନୀରେ ଉପସ୍ଥିତ ହୋଇ କ୍ଷେପଣାସ୍ତ୍ର ଓ ଅନ୍ୟାନ୍ୟ ପ୍ରତିରକ୍ଷାରେ ନିୟୋଜିତ ଯନ୍ତ୍ରର ବ୍ୟବହାର ବିଷୟରେ ଦର୍ଶକମାନଙ୍କୁ ସୂଚନା ଦେଇଥିଲେ। ଏଥିସହିତ ପ୍ରଥମ ଦିନର ସମ୍ମିଳନୀ ଶେଷରେ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

**ଅର୍ପଣ ଚାଉଳ ଗଲା ଶ୍ରୀକ୍ଷେତ୍ର**

ଭଦ୍ରକ, (ସନାତନ ରାଉତ)- ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଅବସରରେ ଭଦ୍ରକ ବ୍ଲକର ପ୍ରତି ପଞ୍ଚାୟତ ଓ ପୌରପାଳିକାର ବିଭିନ୍ନ ୱାର୍ଡରୁ ଅର୍ପଣ ରଥ ପରିକ୍ରମା ବେଳେ ସଂଗ୍ରହ କରାଯାଇଥିବା ଅରୁଆ ଚାଉଳ, ନଡ଼ିଆ ଓ ଗୁଆ ଶନିବାର ଟ୍ରକ୍ ଯୋଗେ ଶ୍ରୀକ୍ଷେତ୍ର ପୁରୀକୁ ପଠାଯାଇଛି। ଭଦ୍ରକ ବାଇପାସସ୍ଥିତ ଜଗନ୍ନାଥ ମନ୍ଦିର ଓ କେଶପୁର ହରିବୋଲ କ୍ଷେତ୍ରରେ ମହଜୁଦ ଥିଲା। ସଂଗ୍ରହ ହୋଇଥିବା ୩୪ କୁଇଣ୍ଟାଲ ୮୦ କେଜି ଅରୁଆ ଚାଉଳ, ଗୁଆ, ନଡ଼ିଆକୁ ବିଡିଓ ସୀତାକାନ୍ତ ରାଉତ ଓ ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକଙ୍କ ତତ୍ତ୍ୱାବଧାନରେ ଏକ ଟ୍ରକ୍‌ରେ ପୁରୀ ପଠାଯାଇଛି।

## ଭଦ୍ରକ

# ଧାନକିଣାରେ ବାହାର ମିଲରଙ୍କୁ ପ୍ରାଧାନ୍ୟ

ଭଦ୍ରକ,୧୦।୨(ସନାତନ ରାଉତ)

ଚଳିତବର୍ଷ ଖରିଫ୍ ଧାନ କିଣାରେ ଭଦ୍ରକ ଜିଲାରେ ବାହାର ମିଲରମାନଙ୍କୁ ଯୋଗାଣ ବିଭାଗ ପକ୍ଷରୁ ପ୍ରାଧାନ୍ୟ ଦିଆଯାଇଛି। ଏହାକୁ ନେଇ ଜିଲାର ମିଲରମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଜିଲାର ମିଲରମାନେ ଧାନ କିଣିବା ପାଇଁ ବ୍ୟାଙ୍କ ଋଣ କରି ଶତ ପ୍ରତିଶତ ସିକ୍ୟୁରିଟି ଟଙ୍କା ଜମା କରିଥିଲେ। ଏବେ ଧାନକିଣାରେ ଅଧିକ ସଂଖ୍ୟାରେ ବାହାର ମିଲରମାନଙ୍କୁ ନିୟୋଜିତ କରାଯାଇଥିବାରୁ ଜିଲାର ମିଲରମାନେ କ୍ଷତି ସହିବା ଆଶଙ୍କା କରିଛନ୍ତି। ଏପର୍ଯ୍ୟନ୍ତ ଜିଲା ମିଲରମାନଙ୍କ ଟାର୍ଗେଟ୍ ଅନୁସାରେ ୬୦ରୁ ୬୫ ପ୍ରତିଶତ ଧାନ କିଣି ସାରିଥିବା ବେଳେ ଧାନ ପରିମାଣ ସରି ଆସୁଥିବାରୁ ବାକି ଧାନ କିଣିବା ନେଇ ସନ୍ଦେହ ସୃଷ୍ଟି ହୋଇଛି।

ଚଳିତବର୍ଷ ଜିଲାର ୮୩,୮୭୬ ଚାଷୀ ଧାନ ବିକ୍ରି ପାଇଁ ନାମ ପଞ୍ଜୀକୃତ କରିଥିବା ବେଳେ ୨୩,୫୨, ୩୫୨ କୁଇଣ୍ଟାଲ ୯୪ କେଜି ଧାନ କ୍ରୟ କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏଯାଏ ପାଖାପାଖି ୧୬ ଲକ୍ଷ କୁଇଣ୍ଟାଲ ଧାନ କିଣା ସରିଥିବା ଯୋଗାଣ ବିଭାଗ ପକ୍ଷରୁ ସୂଚନା ମିଳିଛି। ସମବାୟ ସମିତି ଓ ସ୍ୱୟଂସହାୟକ ଗୋଷ୍ଠୀକୁ ମିଶାଇ ୧୫୯ଟି ସରକାରୀ

### ବଢୁଛି ଅସନ୍ତୋଷ

ମଣ୍ଡିରେ ଧାନ କିଣାଯାଉଛି। ଜିଲାର ୨୦ ମିଲର ଓ ଜିଲା ବାହାରୁ ୨୫ ମିଲରଙ୍କୁ ଧାନକିଣାରେ ନିୟୋଜିତ କରାଯାଇଛି। ଜିଲା ବାହାର ମିଲ୍‌କୁ ଧାନଲୋଡ୍ ହୋଇ ଯିବାରେ ଭଡ଼ା ଅଧିକ ଖର୍ଚ୍ଚ ହେଉଥିବା ବେଳେ ଯୋଗାଣ ବିଭାଗ ବାହାର ମିଲରମାନଙ୍କୁ ଅଧିକ ସଂଖ୍ୟାରେ ନିୟୋଜିତ କରିଛନ୍ତି। କମ୍ ଟାର୍ଗେଟ୍ ଥିବା ମଣ୍ଡିରେ ଜିଲା ମିଲରମାନଙ୍କୁ ଟ୍ୟାଗ୍ କରାଯାଇଥିବା ନେଇ ସେମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଜିଲାର ମିଲରମାନଙ୍କ ପ୍ରତି ଯୋଗାଣ ବିଭାଗ ବୈମାତୃକ ମନୋଭାବ ପୋଷଣ କରୁଥିବା ଅଭିଯୋଗ ଆଣି ନିକଟରେ ମିଲର ସଂଘ ଜିଲାପାଳଙ୍କୁ ଭେଟି ଆଲୋଚନା କରିଛି। ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ଲିଙ୍ଗରାଜ ବେହେରା କହିଛନ୍ତି, ଜିଲାର ମିଲରମାନେ ମଣ୍ଡିରୁ ଧାନ ଉଠାଇବାରେ ବିଳମ୍ବ କରିବାରୁ ବାହାର ମିଲରମାନଙ୍କୁ ନିୟୋଜିତ କରାଯାଇଛି। ମଣ୍ଡି ଖୋଲିବାର ୧୫ ଦିନ ପରେ ଧାନ ଉଠାଇବା ଆରମ୍ଭ କରାଗଲା। ଯାହାଦ୍ୱାରା ମଣ୍ଡିରେ ଧାନ ପଡ଼ି ରହିବାରୁ ବାହାର ମିଲରଙ୍କୁ ଧାନ କିଣିବା ପାଇଁ ସୁଯୋଗ ଦିଆଯାଇଛି।

## ସ୍କୁଲରୁ ୫୦ ହଜାର ଟଙ୍କା, ସାମଗ୍ରୀ ଚୋରି

ଭଦ୍ରକ,୧୦।୨(ସନାତନ ରାଉତ)–ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ସାମରାଇପୁର ଆରଡ଼ିଛକସ୍ଥିତ କିଡ୍‌ଜୀ ସ୍କୁଲରୁ ଶୁକ୍ରବାର ବିଳମ୍ବିତ ରାତିରେ ଚୋରି ହୋଇଛି। ସ୍କୁଲ ଝରକା ଗ୍ରୀଲ୍ ତାଡ଼ି ନଗଦ ଟଙ୍କା ଓ ବିଭିନ୍ନ ସାମଗ୍ରୀ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ କରାଯାଇଛି। ଶନିବାର ସକାଳେ ବିଦ୍ୟାଳୟ କେୟାର ଟେକର୍ ତାଲା ଖୋଲିବା ପରେ ଅଫିସ୍ ରୁମ୍‌ରେ ଥିବା ଲକର୍ ସବୁ ଭଙ୍ଗା ହୋଇ ବିଭିନ୍ନ ସାମଗ୍ରୀ ଏଣେତେଣେ ପଡ଼ିଥିବା ଦେଖିବାକୁ ପାଇଥିଲେ। ଏନେଇ ସେ ସ୍କୁଲ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ରାୟଙ୍କୁ ଖବର ଦେଇଥିଲେ। ଲକରରେ ସ୍କୁଲ ବାର୍ଷିକୋତ୍ସବ ପାଇଁ ରଖାଯାଇଥିବା ୫୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ସହ ବିଭିନ୍ନ ସାମଗ୍ରୀ ଚୋରି ସହ ସିସି କ୍ୟାମେରାର ହାର୍ଡଡିସ୍କକୁ ଖୋଲି ନିଆଯାଇଥିବା ଅଧ୍ୟକ୍ଷ ଏତଲାରେ ଦର୍ଶାଇଛନ୍ତି।

## 'ଯୋଜନାର ସଫଳ ରୂପାୟନ ପାଇଁ ସହଯୋଗ ଆବଶ୍ୟକ'



ମୁକୁନ୍ଦପୁର ପଞ୍ଚାୟତରେ ବିଭିନ୍ନ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ତିହିଡ଼ି,୧୦।୨(ସଞ୍ଜିତ ବଳ)

ଲୋକଙ୍କ କଲ୍ୟାଣ ନିମନ୍ତେ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରୁଛନ୍ତି। ଏହି ଯୋଜନାର ସଫଳ ରୂପାୟନ ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ବାସୁଦେବପୁର ନିର୍ବାଚନମଣ୍ଡଳୀ ଅଧୀନ ତିହିଡ଼ି ବ୍ଲକର ବିଭିନ୍ନ ପଞ୍ଚାୟତରେ ଶନିବାର ଅନୁଷ୍ଠିତ ସଚେତନତା ଶିବିରରେ ମୁଖ୍ୟଅତିଥି ଭାବେ ବିଧାୟକଙ୍କ ସ୍ତ୍ରୀ ରତ୍ନପର୍ଣ୍ଣା ସ୍ରୋତସ୍ୱିନୀ ରାଉତରାୟ କହିଛନ୍ତି। ଫତେପୁର ପଞ୍ଚାୟତରେ ବିଜେଡି ଜିଲା ଉପସଭାପତି ସୁରେନ୍ଦ୍ର ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଶିବିରରେ ମୁଖ୍ୟଅତିଥି ରାଉତରାୟଙ୍କ ସହ ଜିଲା ପରିଷଦ ସଭ୍ୟା ସୁମତୀ ସେଠୀ, ସମିତିସଭ୍ୟା ମଧୁସ୍ମିତା ନାୟକ, ପୂର୍ବତନ ସରପଞ୍ଚ କୀର୍ତ୍ତନ ରାଉତ, ଛନ୍ଦାଚରଣ ନାୟକ, ଶିକ୍ଷାବିତ୍ ସୁରେନ୍ଦ୍ର ନାୟକ, ଉମାକାନ୍ତ ସେଠୀ, ପିଇଓ ଶୁଭ୍ରାଂଶୁ ତ୍ରିପାଠୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଭାଟପଡ଼ା ପଞ୍ଚାୟତରେ ବିଧାୟକଙ୍କ ପ୍ରତିନିଧି ବାପୁଜୀ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଶିବିରରେ ମୁଖ୍ୟଅତିଥି ରାଉତରାୟ, ଜିଲା ଉପସଭାପତି ନାୟକଙ୍କ ସମେତ ବ୍ଲକ ସଭାପତି ରଘୁନାଥ ପଣ୍ଡା, ଉପାଧ୍ୟକ୍ଷାଙ୍କ ପ୍ରତିନିଧି ପ୍ରବୀର ନାୟକ, ସରପଞ୍ଚ ପୁଷ୍ପାଞ୍ଜଳି ଲେଙ୍କା, ମହିଳା ସଭାନେତ୍ରୀ କଳ୍ପନା ନାୟକ, ଜିଲା ସାଧାରଣ ସମ୍ପାଦକ ଶରତ ଦାସ ପ୍ରମୁଖ ଯୋଗ ଦେଇଥିଲେ। ମୁକୁନ୍ଦପୁରରେ ପଞ୍ଚାୟତ ସଭାପତି ଗଣେଶ ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଶିବିରରେ ସରପଞ୍ଚ ସସ୍ମିତା ମହାଲିକ, ପୂର୍ବତନ ସରପଞ୍ଚ ବସନ୍ତ ପତି, ବୈକୁଣ୍ଠ ପାଣି, ପିଇଓ ସୁକାନ୍ତି ବାରିକ, ଯୁବନେତା ହେମନ୍ତ ମହାନ୍ତି ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ଭାଟପଡ଼ା ଓ ମୁକୁନ୍ଦପୁରେ ମିଶନ ଶକ୍ତିର ବ୍ଲକ ସଂଯୋଜକ ଶ୍ରୀକାନ୍ତ ଜେନା, ସ୍ନିଗ୍ଧା ନାୟକ, ଆଲୋକଜ୍ୟୋତି ମହିଳା ମହାସଂଘ ସମ୍ପାଦିକା କଲ୍ୟାଣୀ ଦାସ, ସୁଚିସ୍ମିତା ସାହୁଙ୍କ ସମେତ ବିଭିନ୍ନ ପ୍ରତିଭାଧାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏସ୍‌ଏଚ୍‌ଜି ପକ୍ଷରୁ ପିଠା ଓ ବିଭିନ୍ନ ସାମଗ୍ରୀ ପ୍ରଦର୍ଶନ କରାଯାଇଥିଲା।

## 'ବିଦ୍ୟାମନ୍ଦିର ଚରିତ୍ରବାନ ଛାତ୍ରୀଛାତ୍ର ଗଢ଼େ'

ଧାମନଗର,୧୦।୨(ଦେବେନ୍ଦ୍ର ଆଦିଆ)

ଧାମନଗର ବ୍ଲକର ଆନନ୍ଦପୁରସ୍ଥିତ ସରସ୍ୱତୀ ଶିଶୁମନ୍ଦିରର ୨୯ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସରପଞ୍ଚ ବିଜୟ କୁମାର ଦାସ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ଅସୁରାଳି ସଂକୁଳ ପ୍ରମୁଖ ତଥା ଅଧ୍ୟାପକ ଶ୍ରୀଧର ସାହୁ, ଷ୍ଟେଟବ୍ୟାଙ୍କ ଦୋବଲ ଶାଖା ପରିଚାଳକ ନିଗମାନନ୍ଦ ନାୟକ, ପୂର୍ବତନ ଜିଲା ପରିଷଦ ସଭ୍ୟ ମନୋରଞ୍ଜନ ମଲ୍ଲିକ, ପୂର୍ବତନ ମୁକୁନ୍ଦଦେବ ମଣ୍ଡଳ ସଭାପତି ଅରବିନ୍ଦ ପତି ଓ ଶିକ୍ଷାବିତ୍ ବୃନ୍ଦାବନ ମହାନ୍ତି ଯୋଗ ଦେଇଥିଲେ। ଶିଶୁ ବିଦ୍ୟାମନ୍ଦିରର ଶିକ୍ଷାଦାନ ଶୈଳୀ ସ୍ୱତନ୍ତ୍ର। ଏଠାରେ ଛାତ୍ରୀଛାତ୍ର ଉତ୍ତମ ଶିକ୍ଷା ସହ ସଂସ୍କାର ପାଇ ଦେଶ ପ୍ରେମରେ ଉଦ୍‌ବୁଦ୍ଧ ହୋଇଥାନ୍ତି। ଚରିତ୍ରବାନ ଛାତ୍ରୀଛାତ୍ର ଗଢ଼ିବାରେ ଶିଶୁ ବିଦ୍ୟାମନ୍ଦିରର ବେଶ୍ ସୁନାମ ରହିଛି ବୋଲି ଅତିଥିମାନେ କହିଥିଲେ। ପ୍ରଧାନ ଆଚାର୍ଯ୍ୟ ନିରାକାର ଦାଶ ବାର୍ଷିକ ବିବରଣୀ ପାଠ କରିଥିଲେ। ବାର୍ଷିକ କ୍ରୀଡ଼ାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ନାଟକ 'ଜନ୍ମାଷ୍ଟମୀ' ଏବଂ ନୃତ୍ୟସଙ୍ଗୀତ ପରିବେଷଣ ହୋଇଥିଲା। ଗୁରୁମା ଗୁରୁଜୀ ଅଶୋକ ଶତପଥୀ, ହରିହର ପାତ୍ର, ହରିବଲ୍ଲଭ କବି, ପ୍ରକାଶ ଜେନା, ଲଳିତା ମିଶ୍ର, ପ୍ରତିଭା ପାଣିଗ୍ରାହୀ, ଦୀପ୍ତିମୟୀ ବେହେରା, ମନୋରମା ନାୟକ, ସୁପ୍ରଭା ନାୟକ, ଗୀତାଞ୍ଜଳି ପରିଡ଼ା, ରଙ୍ଗଲତା ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଆନନ୍ଦପୁର ଶିଶୁମନ୍ଦିର ବାର୍ଷିକୋତ୍ସବରେ ଉପସ୍ଥିତ ଅତିଥିମାନେ।

## ସମ୍ବର୍ଦ୍ଧନା ପର୍ବ ସହ ନାଚଗୀତରେ ଝୁମିଲେ ଦର୍ଶକ



ମହୋତ୍ସବରେ କବି ପ୍ରହ୍ଲାଦ ବାରିକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବାସୁଦେବପୁର,୧୦।୨
(ନାରାୟଣ ପ୍ରସାଦ ବାରିକ୍)

### 'ବାସୁଦେବାୟନ'ର ଦ୍ୱିତୀୟ ସନ୍ଧ୍ୟା

ଭଦ୍ରକ ଜିଲା ବାସୁଦେବପୁର ଯାଦବ ପଡ଼ିଆରେ ପୌରପାଳିକା ଆନୁକୂଲ୍ୟରେ ଚାଲିଥିବା ବାସୁଦେବପୁର ମହୋତ୍ସବ 'ବାସୁଦେବାୟନ'ର ଶୁକ୍ରବାର ଥିଲା ୨ୟ ସନ୍ଧ୍ୟା। ମୁଖ୍ୟଅତିଥି ଭାବେ ତହସିଲଦାର ସୌଭାଗ୍ୟ ରଞ୍ଜନ ପଣ୍ଡା ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରି ମହୋତ୍ସବ ବାସୁଦେବପୁରର ଗୌରବ ବଢ଼ାଇବା ସହ ସଂସ୍କୃତି ଐତିହ୍ୟର ରକ୍ଷାକବଚ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ବିଡିଓ ସଞ୍ଜୀବ କୁମାର ସାହୁ ବକ୍ତବ୍ୟ ରଖିଥିଲେ। ପୌରାଧ୍ୟକ୍ଷା ନିବେଦିତା ବେହେରା ସଭାପତିତ୍ୱ କରିଥିବା ବେଳେ ପୌର ନିର୍ବାହୀ ଅଧିକାରୀ ସମୀର ରଞ୍ଜନ ଦାସ ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ବାସୁଦେବପୁରର ବୟୋଜ୍ୟେଷ୍ଠ କବି ତଥା ଖବରଦାତା ପ୍ରହ୍ଲାଦ ବାରିକ, ବଂଶୀବାଦକ ଜୟୀରାମ ବାରିକ ଓ କ୍ରୀଡ଼ା କ୍ଷେତ୍ରରେ ରଞ୍ଜନ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଅନିରୁଦ୍ଧ ମହାନ୍ତିଙ୍କ ସହଧର୍ମିଣୀ ଉଷାରାଣୀ ମହାନ୍ତିଙ୍କ ସମ୍ବର୍ଦ୍ଧନା ତାଙ୍କ ନାତି ଗ୍ରହଣ କରିଥିଲେ। ସ୍ଥାନୀୟ ଅଞ୍ଚଳର ଛାତ୍ରୀଛାତ୍ର ନୃତ୍ୟଗୀତ ପରିବେଷଣ କରିଥିଲେ। କଣ୍ଠଶିଳ୍ପୀ ଇରା ମହାନ୍ତି ଓ ତାଙ୍କ ସାଥୀ କଳାକାରମାନଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ନୃତ୍ୟଗୀତରେ ଦର୍ଶକ ଝୁମିଥିଲେ। ମଞ୍ଚ ଉଦ୍‌ଘୋଷକ ଭୂପିନ୍ଦର ତାଙ୍କ ବାକ୍‌ଚାତୁରୀରେ ଦର୍ଶକଙ୍କୁ ବାନ୍ଧି ରଖିଥିଲେ।

## ହାବିଲଦାର, କନଷ୍ଟେବଲ ସଂଘ ନିର୍ବାଚନ

ଭଦ୍ରକ,୧୦।୨(ସନାତନ ରାଉତ)

ଓଡ଼ିଶା ପୋଲିସ ବିଭାଗର ହାବିଲଦାର, କନଷ୍ଟେବଲ ସଂଘ ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଂଘର ୧୧ଟି ପଦବୀ ପାଇଁ ଚରମ୍ପା ରିଜର୍ଭ ପୋଲିସ କାର୍ଯ୍ୟାଳୟ ସମେତ ଜିଲାର ସମସ୍ତ ଥାନା ଓ ଫାଣ୍ଡିରେ ହୋଇଥିବା ଭୋଟ୍ କେନ୍ଦ୍ରରେ ସକାଳ ୮ ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଭୋଟ୍ ଗ୍ରହଣ କରାଯାଇଥିଲା। ଗତ ଜାନୁଆରୀ ୩୧ରେ ଭଦ୍ରକ ଡିଆଇବି କାର୍ଯ୍ୟାଳୟରେ ନିର୍ବାଚନ ଅଫିସର ଦାୟିତ୍ୱରେ ଥିବା ଅତିରିକ୍ତ ଏସ୍‌ପି ବିଜୟ ରଞ୍ଜନ କେରକେଟାଙ୍କ ନିକଟରେ ପ୍ରାର୍ଥୀମାନେ ନାମାଙ୍କନ ପତ୍ର ଦାଖଲ କରିଥିଲେ। ଜିଲା ସଂଘର ସଭାପତି, ଉପସଭାପତି, ସମ୍ପାଦକ, କୋଷାଧ୍ୟକ୍ଷ, ଯୁଗ୍ମ ସମ୍ପାଦକ-୧, ଯୁଗ୍ମ ସମ୍ପାଦକ-୨ ସମେତ ୧୧ଟି ପଦବୀ ପାଇଁ ଭୋଟ୍ ଗ୍ରହଣ କରାଯାଇଛି। ଜିଲାରେ କାର୍ଯ୍ୟରତ ୫୪୫ ହାବିଲଦାର ଓ କନଷ୍ଟେବଲ ଭୋଟ୍ ଦେଇଛନ୍ତି। ରବିବାର ଭୋଟ୍ ଗଣତି ହେବ।

## କେନ୍ଦୁଝର

## ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ପାଟଣା,୧୦।୨(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଏରେଣ୍ଡେଇ ପଞ୍ଚାୟତ ବେଗୁନା ଖମଣ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଆୟୋଜିତ ସଭାରେ ପ୍ରଧାନଶିକ୍ଷକ ସୁରେଶ ଚନ୍ଦ୍ର ମହାନ୍ତଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ୨୩ ନଂ. ଜୋନ୍ ଜିଲା ପରିଷଦ ସଦସ୍ୟା ରୁନୁ ମହାନ୍ତ, ମୁଖ୍ୟ ବକ୍ତାଭାବେ ମୁରୁସୁଆଁ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଉମ୍ବରୁଧର ମହାନ୍ତ, ସମ୍ମାନିତ ଅତିଥିଭାବେ ଏରେଣ୍ଡେଇ ସରପଞ୍ଚ ପାର୍ବତୀ ଦେହୁରୀ ପ୍ରମୁଖ ଯୋଗଦେଇ ବାର୍ଷିକ କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଛାତ୍ରୀଛାତ୍ରଙ୍କ ପ୍ରତିଭାର ବିକାଶର ସହାୟକ ହୋଇଥାଏ ବୋଲି କହିଥିଲେ। ବରିଷ୍ଠ ଶିକ୍ଷକ ସହଦେବ ମହାନ୍ତ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସହକାରୀ ଶିକ୍ଷକ ଶ୍ରୀନିବାସ ଶତପଥୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ଲକ୍ଷ୍ମଣ ମହାନ୍ତ ଧନ୍ୟବାଦ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ମଣ୍ଡେଶ୍ୱରୀ ମହାନ୍ତ, ଶିକ୍ଷକ ମନୋରଞ୍ଜନ ମହାନ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୧୦୦ ପରିବାରକୁ ଗୋଟିଏ ନଳକୂପ

କେନ୍ଦୁଝର,୧୦।୨(ନରେଶ ଚନ୍ଦ୍ର ପଟ୍ଟନାୟକ)

୧୦୦ ପରିବାରକୁ ଗୋଟିଏ ନଳକୂପ। ସେଥିରୁ ପିଇବା, ଗାଧୋଇବା ଓ ଘର କାମ ପାଇଁ ଜଳ ବ୍ୟବହାର ହେଉଛି। ଏଭଳି ପରିସ୍ଥିତିରେ ଅଧା ଦିନ ନଳକୂପ ଖରାପ ହୋଇପଡୁଛି। ଉକ୍ତ ସମସ୍ୟା ଦେଖାଯାଇଛି କେନ୍ଦୁଝର ଜିଲା ସଦର ବିଧାୟକ ମୋହନ ମାଝିଙ୍କ ଗାଁ ରାଇକଳା ପଞ୍ଚାୟତ ରାଇକଳା ଗ୍ରାମ ଡିପାସାହିରେ।

ସାହିରେ ପାଖାପାଖି ୧୦୦ ପରିବାରର ୧ ହଜାର ଲୋକ ବସବାସ କରୁଛନ୍ତି। ଗ୍ରାମରେ ୨ ଗୋଟି ନଳକୂପ ଥିବାବେଳେ ଗୋଟିଏରେ ଦୂଷିତ ପାଣି ବାହାରୁଥିବାରୁ ପିଇବା ଉପଯୋଗୀ ହୋଇପାରୁନାହିଁ। ଫଳରେ ଗୋରୁ ପିଇବା, ଲୋକମାନେ ଗାଧୋଇବା, ଲୁଗା ସଫା କରିବା ଓ ପିଇବା ପାଣି ପାଇଁ ଗୋଟିଏ ନଳକୂପ ଉପରେ ନିର୍ଭର କରିଥାନ୍ତି। ଅଧାଦିନ ମଧ୍ୟ ଉକ୍ତ ନଳକୂପରୁ ପାଣି ବାହାରେ ନାହିଁ। ଏପରିକି ମେଗା

### ବିଧାୟକଙ୍କ ଗାଁରେ ଜଳ ସମସ୍ୟା ଉତ୍କଟ

ପ୍ରକଳ୍ପ କାନପୁର ଡ୍ୟାମ୍ ପାଣି ପାଇପ ଯୋଗେ ସାହିକୁ ପାଣି ଯୋଗାଇବାର କୌଣସି ବ୍ୟବସ୍ଥା ହୋଇନାହିଁ। ସାମାଜିକ କର୍ମୀ ତୁଳସୀ ପାତ୍ର କହିଛନ୍ତି, ଗାଁରେ ସଦର ନିର୍ବାଚନମଣ୍ଡଳୀର ବରିଷ୍ଠ ଟାଣୁଆ ନେତା ତଥା ନିର୍ବାଚିତ ବିଧାୟକ ମୋହନ ଚରଣ ମାଝିଙ୍କ ଘର। ଦୀପ ତଳ ଅନ୍ଧାର ଭଳି ଗଣତନ୍ତ୍ର ଶାସନରେ ରାଜା ରହୁଥିବା ଗାଁ ଆଜି ଏପରି ଅବ୍ୟବସ୍ଥାରେ ଗତି କରୁଛି। ଯୁବ ଓ ଶ୍ରମ ବିକାଶ ମଞ୍ଚ କେନ୍ଦୁଝରଗଡ଼ ସଭାପତି ରଞ୍ଜନ କୁମାର ବେହେରା, ଉପସଭାପତି ଜୟକୃଷ୍ଣ ନାଏକ ଉକ୍ତ ସାହିକୁ ପରିଦର୍ଶନ କରି ସମସ୍ୟା ବିଷୟରେ ଲୋକଙ୍କ ସହ କଥା ହୋଇଥିଲେ। ତୁରନ୍ତ ଏ ସାହିକୁ ପିଇବା ପାଣି ଯୋଗାଇଦେବାକୁ ମତ ରଖିଛନ୍ତି। ବିଶେଷକରି ଖରାଦିନ ପୂର୍ବରୁ ସାହିକୁ ପିଇବା ପାଣି ଯୋଗାଇଦେବା ସହିତ ମେଗା ପ୍ରକଳ୍ପରେ ପାଇପ ସଂଯୋଗ କରିବାକୁ ଦାବି ହୋଇଛି। ଏଥିସହ ଗ୍ରାମରେ ଶିକ୍ଷା, ସ୍ୱାସ୍ଥ୍ୟ ସେବା ଠିକ୍ ଭାବେ ମିଳୁ ନ ଥିବା ଅଭିଯୋଗ ହୋଇଛି। ସଦର ବିଧାୟକ ମୋହନ ମାଝି କହିଛନ୍ତି, ତାଙ୍କ ଗ୍ରାମରେ ସେଭଳି ଅନ୍ୟ କୌଣସି ସମସ୍ୟା ନାହିଁ। ପାଣି ସମସ୍ୟାକୁ ନେଇ ଲୋକେ ଜିଲାପାଳଙ୍କ ପାଖକୁ ଯାଇଥିଲେ। ଯେଉଁ ମାନଙ୍କ ଘରକୁ ପାଣି ସଂଯୋଗ ହୋଇନାହିଁ, କରିଦେବାକୁ କୁହାଯାଉଛି। କେଉଁ ପଞ୍ଚାୟତ ଅଧୀନରେ ଅଛନ୍ତି, ତାହା ଚିହ୍ନଟରେ ଭୁଲ ଯୋଗୁ ଏଭଳି ସମସ୍ୟା ଦେଖାଯାଇଛି।

### ନୂଆଗାଁରେ ପାନୀୟ ଜଳ ଅଭାବ

କେନ୍ଦୁଝର,୧୦।୨(ଦୀପକ ମିଶ୍ର): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଖିରେଇଟାଙ୍ଗିରୀ ପଞ୍ଚାୟତର ନୂଆଗାଁରେ ପାନୀୟ ଜଳ ସମସ୍ୟା ଲାଗି ରହିଛି। ବର୍ଷ ତମାମ ଗ୍ରାମବାସୀ ପାନୀୟ ଜଳ ପାଇଁ ନଦୀ, ଝରଣା ଉପରେ ନିର୍ଭର କରିବାକୁ ପଡୁଛି। ଖରା ଦିନ ଆସୁଥିବାରୁ ଗ୍ରାମକୁ ଜଳ ଯୋଗାଣ ପାଇଁ ଗ୍ରାମବାସୀ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗ ଅନୁଯାୟୀ, ନୂଆଗାଁ ଏକ ଆଦିବାସୀ ବହୁଳ ଗ୍ରାମ ହୋଇଥିବା ବେଳେ ଏକ ଶହ ପରିବାରରେ ୫ ଶହରୁ ଊର୍ଦ୍ଧ୍ୱ ଲୋକ ବସବାସ କରନ୍ତି। ନଳକୂପଗୁଡ଼ିକରୁ ପାଣି ବାହାରୁ ନ ଥିବା ଯୋଗୁ ଗାଁ ସୀମା ଦେଇ ଯାଇଥିବା ଛୋଟ ନାଳ, ଚୁଆରୁ ଜଳ ସଂଗ୍ରହ କରିଥାନ୍ତି। ଗ୍ରାମରେ ଗଭୀର ନଳକୂପ ଖନନ କରି ସୋଲାର ମାଧ୍ୟମରେ ପାନୀୟ ଜଳ ସମସ୍ୟା ଦୂର କରିବାକୁ ଗ୍ରାମର ବେଣୁଧର ନାଏକ, ମନ୍ଦାକିନୀ ନାଏକ, ବିଦ୍ୟାଧର ନାଏକ, ଋଷିନାଥ ନାଏକ, ବିନତୀ ନାଏକ, କବିନାଥ ନାଏକ, ତୁଳସୀ ନାଏକ, ଅଲେଖ ଚନ୍ଦ୍ର ନାଏକ, ଧ୍ରୁବଚରଣ ନାଏକ, କ୍ଷେତ୍ରବାସୀ ନାଏକ, ହରିଶ ଚନ୍ଦ୍ର ନାଏକ, ସଦାନନ୍ଦ ନାଏକ ପ୍ରମୁଖ ଦାବି କରିଛନ୍ତି।

## ଆତ୍ମରକ୍ଷା କୌଶଳ ଶିଖିଲେ ଛାତ୍ରୀ




ପ୍ରଶିକ୍ଷଣ ଗ୍ରହଣ କରିଥିବା ଛାତ୍ରୀ ଓ ଅତିଥିମାନେ।

ପାଟଣା,୧୦।୨(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣ ବ୍ଲକ୍ ତୁରୁମୁଙ୍ଗାସ୍ଥିତ ଦଧିବାମନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟ ସଭାଗୃହରେ ଆୟୋଜିତ ସଭାରେ ଅଧ୍ୟକ୍ଷ ଅଶ୍ୱଥାମା ଗିରିଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଅନାମ ଚରଣ ବେହେରା, ସମ୍ମାନିତ ଅତିଥିଭାବେ ପ୍ରାଧ୍ୟାପକ ସେବକ ଚନ୍ଦ୍ର ସାହୁ, ନୋଡାଲ ଅଧିକାରୀ ପ୍ରାଧ୍ୟାପକ ଯତିନ୍ଦ୍ର ମିଶ୍ର ଯୋଗଦେଇ ଛାତ୍ରୀମାନଙ୍କୁ ଆତ୍ମରକ୍ଷା ତଥା ବିପଦକୁ ସାମ୍ନା କରିବା ସହ ଲୁକାଇତ ଶକ୍ତିର ବିନିଯୋଗ କରିବାକୁ ପରାମର୍ଶ ଦେଇଥିଲେ। ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ଅନ୍ନପୂର୍ଣ୍ଣା ମିଶ୍ର ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ପ୍ରାଧ୍ୟାପକ ମହେଶ ଚାଟାର୍ଜୀ ପରିଚାଳନା କରିଥିଲେ। ସଭାରେ ଛାତ୍ରୀମାନେ ବହୁ ସଂଖ୍ୟାରେ ଯୋଗଦେଇ ଅତିଥିଙ୍କଠାରୁ ମାନପତ୍ର ଗ୍ରହଣ କରିଥିଲେ। କ୍ରୀଡ଼ା ଶିକ୍ଷକ ସୁଶୀଲ ପ୍ରଧାନ, ଡିଇଓ ପଦ୍ମଲୋଚନ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

## ବର୍ଜ୍ୟବସ୍ତୁର ଠିକ୍ ପରିଚାଳନା, ଚାରାରୋପଣ ଦାବି

### କେନ୍ଦୁଝର ସହରରେ ବାୟୁ ପ୍ରଦୂଷଣ ବୃଦ୍ଧି

କେନ୍ଦୁଝର,୧୦।୨(ନରେଶ ଚନ୍ଦ୍ର ପଟ୍ଟନାୟକ)



କେନ୍ଦୁଝର ସହରରେ ବାୟୁ ପ୍ରଦୂଷଣ ବୃଦ୍ଧି ପାଇବାରେ ଲାଗିଛି। ପୌରପାଳିକା ପକ୍ଷରୁ ରାସ୍ତା ସଫେଇ ଠିକ୍ ଭାବରେ ହେଉ ନ ଥିବାବେଳେ ଡ୍ରେନ୍ ଏବଂ ଅନ୍ୟ ସ୍ଥାନରୁ ଅଳିଆ ଆବର୍ଜନା ଉଠିବା ପରେ ରାସ୍ତା କଡ଼ରେ ଦୀର୍ଘଦିନ ଧରି ପଡିରହୁଛି। ଡମ୍ପିଂୟାର୍ଡ ନ ଥିବାରୁ ସହରରୁ ବାହାରୁ ଥିବା ଆବର୍ଜନାକୁ ଜାତୀୟ ରାଜପଥ-୨୦ କଡ଼ରେ ପୋଡ଼ି ଦିଆଯାଉଛି। ଫଳରେ ବିଷାକ୍ତ ଧୂଆଁରେ ବାୟୁ ପ୍ରଦୂଷଣ ହୋଇ ପରିବେଶ ପ୍ରଦୂଷିତ ହେଉଛି। ନିଆଁକୁ ଆୟତ୍ତ କରାଯାଉ ନ ଥିବାରୁ ବାୟୁମଣ୍ଡଳ ପ୍ରଦୂଷିତ ହେଉଛି। ନିକଟରେ ଜଙ୍ଗଲ ଥିବାରୁ ବନ୍ୟପ୍ରାଣୀଙ୍କ ପାଇଁ ବିପଦ ରହିଛି। ପୌରପାଳିକା ପକ୍ଷରୁ ଏହାର ପ୍ରତିକାର ପାଇଁ ପଦକ୍ଷେପ ନିଆଯାଉନାହିଁ। ପୌରପାଳିକାର ଅବହେଳା ପାଇଁ ସହରବାସୀ ସ୍ୱଚ୍ଛ ବାୟୁ ପାଇପାରୁନାହାନ୍ତି। ବାୟୁ ପ୍ରଦୂଷଣ ଯୋଗୁ ଲୋକଙ୍କୁ ଦୀର୍ଘ ଦିନ ଧରି ଅଣ୍ଟା, କାଶ, ଛିଙ୍କ, ଜ୍ୱର ଲାଗି ରହୁଛି। ବିଶେଷ କରି ଶିଶୁ, ବୃଦ୍ଧ ଏବଂ ବିଭିନ୍ନ ରୋଗରେ ଆକ୍ରାନ୍ତ ରୋଗୀ ଏହା ଦ୍ୱାରା ବେଶି ପ୍ରଭାବିତ ହେଉଛନ୍ତି। ସହରାଞ୍ଚଳରେ ବାୟୁ ପ୍ରଦୂଷଣ ହ୍ରାସ କରିବା ଏବଂ ରାସ୍ତା ଧୂଳିକୁ କମାଇବା ସହ ବର୍ଜ୍ୟବସ୍ତୁ ପରିଚାଳନା ଉପରେ ଗୁରୁତ୍ୱ ଦିଆଯାଉ ନ ଥିବା ଯୁବ ଓ ଶ୍ରମ ବିକାଶ ମଞ୍ଚ ପକ୍ଷରୁ ଜିଲାପାଳଙ୍କୁ ଅଭିଯୋଗ କରାଯାଇଛି। ବର୍ଜ୍ୟବସ୍ତୁର ଠିକ୍ ପରିଚାଳନା ସହ ରାସ୍ତାରେ ଜମି ରହିଥିବା ଧୂଳି ସଫେଇ ପାଇଁ ରୋଡ ସୁଇପିଙ୍ଗ୍ ମେଶିନ ବ୍ୟବହାର କରିବା, ଖାଲିଥିବା ସ୍ଥାନରେ ଏବଂ ରାସ୍ତା ପାର୍ଶ୍ୱରେ ବ୍ୟାପକ ବୃକ୍ଷରୋପଣ କରିବାକୁ ଯୁବ ଓ ଶ୍ରମ ବିକାଶ ମଞ୍ଚର ସାଧାରଣ ସମ୍ପାଦିକା ଶୈଳବାଳା ପରିଡ଼ା, ସଭାପତି ରଞ୍ଜନ ବେହେରା, ଉପ ସଭାପତି ଜୟକୃଷ୍ଣ ନାଏକ, ଯୁଗ୍ମ ସମ୍ପାଦିକା ପୁଷ୍ପାଞ୍ଜଳି ବେହେରା, ସରୋଜ ସାହୁ, ତୁଳସୀ ପାତ୍ର ପ୍ରମୁଖ ଦାବିପତ୍ର ପ୍ରଦାନ କରିଛନ୍ତି।

# ଜରାଜୀର୍ଣ୍ଣ ଅବସ୍ଥାରେ ଜୁରୁଡ଼ି ପୋଲ

- ସିମେଣ୍ଟ୍ ଉଠି ରଡ୍ ଦେଖାଗଲାଣି
- ନୂତନ ପୋଲ ନିର୍ମାଣ ଦାବି

ଯୋଡ଼ା,୧୦।୨(ମାନସ ମହାନ୍ତି)



କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳର ଅଧିକାଂଶ ଖଣି ରହିଥିବା ଜୁରୁଡ଼ି ଅଞ୍ଚଳରେ ଥିବା ମୁଖ୍ୟ ପୋଲଟି ବିପଦସଙ୍କୁଳ ଅବସ୍ଥାରେ ରହିଛି। ପୂର୍ତ୍ତ ବିଭାଗ ଅଧୀନରେ ଥିବା ପୋଲଟି ଅତି ନିମ୍ନମାନର କାର୍ଯ୍ୟ ଯୋଗୁ ଦିନକୁ ଦିନ ଜରାଜୀର୍ଣ୍ଣ ଅବସ୍ଥାକୁ ଚାଲିଯାଉଛି। ପୋଲ ଉପରୁ ପିଚୁ ଓ କଂକ୍ରିଟ୍ ଉଠି ଲୁହାରଡ୍ ଉପରକୁ ବାହାରିଯାଇଛି। ଫଳରେ ବାଇକ, ଛୋଟ ଯାନ ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି। ପୋଲର ନିର୍ମାଣ କାର୍ଯ୍ୟ ପୁନର୍ବାର କରା ନ ଗଲେ ଏହା ଭୁଶୁଡ଼ି ପଡ଼ିବା ଆଶଙ୍କା ରହିଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

ସୂଚନା ଅନୁଯାୟୀ, ରାଜ୍ୟ ରାଜପଥ ୨ର ଯୋଡ଼ା-ବାମେବାରି ରାସ୍ତାର ଜୁରୁଡ଼ିରେ ନିର୍ମିତ ଉକ୍ତ ପୋଲ ଯୋଡା ଖଣି ମଣ୍ଡଳର ଜୁରୁଡ଼ି, ଜଳହରି, ଜଜାଙ୍ଗ, ଖଣ୍ଡ ବନ୍ଧ, ବଳଦା, ବଡ଼ କାଳିମାଟି, ପିଢ଼ା ପୋଖରୀ, ଉଚବାଳି, ସିଲଯୋଡ଼ା ପ୍ରଭୃତି ଖଣି ଅଞ୍ଚଳ ଓ ମୁଖ୍ୟ ରାସ୍ତାକୁ ସଂଯୋଗ ହୋଇଛି। ବିଭିନ୍ନ ଖଣିରୁ ଉକ୍ତ ରାସ୍ତା ଦେଇ ଦୈନିକ ବିଭିନ୍ନ ରେଳ ସାଇଡ଼ିଂ ଓ ରାଜ୍ୟର ବିଭିନ୍ନ ପ୍ରାନ୍ତକୁ ଖଣିଜ ବୋଝେଇ ଟ୍ରକ୍ ଯାତାୟାତ କରୁଛି। ଯୋଡ଼ା ବ୍ଲକ୍‌ର ୬ ପଞ୍ଚାୟତର ପ୍ରାୟ ୫୦ ଗ୍ରାମର ଲୋକମାନେ ଉକ୍ତ ରାସ୍ତା ଦେଇ ଯୋଡ଼ା ଓ ଆଖପାଖ ଅଞ୍ଚଳରୁ ଯାତାୟାତ କରିଥାନ୍ତି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଡିଏମ୍‌ଏଫ୍ ପାଣ୍ଠିରୁ ପ୍ରାୟ ୫୦କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବିନିଯୋଗ କରାଯାଇ ଏହାର ସମ୍ପ୍ରସାରଣ ଓ ମରାମତି କାର୍ଯ୍ୟ ହୋଇଥିଲା। ମାତ୍ର ନିମ୍ନମାନର କାର୍ଯ୍ୟ ଯୋଗୁ ଗତ ୨ ବର୍ଷ ମଧ୍ୟରେ ପିଚୁ ଉଠିଯାଇ କଂକ୍ରିଟ ଲୁହା ରଡ୍ ଦେଖାଯାଉଛି। ଅଧିକ ଓଜନର ଖଣିଜ ବୋଝେଇ ଭାରିଯାନ ଚଳାଚଳ କରୁଥିବାରୁ ପୋଲଟି ଦୁର୍ବଳ ହୋଇଯାଇଛି। ବିଶେଷକରି ରାତି ସମୟରେ ବାଇକ୍ ଆରୋହୀମାନେ ଜାଣି ନ ପାରି ଦୁର୍ଘଟଣାର ଶିକାର ହେଉଛନ୍ତି। ଏଠାରେ ଏକ ନୂତନ ପୋଲ ନିର୍ମାଣ ପାଇଁ ବାରମ୍ବାର ଦାବି ହେଉଥିଲେ ମଧ୍ୟ ପ୍ରଶାସନ କର୍ଣ୍ଣପାତ କରୁ ନ ଥିବା ସ୍ଥାନୀୟ ଅଞ୍ଚଳବାସୀ ଚିତ୍ତରଞ୍ଜନ ମହାନ୍ତି, ଦିନେଶ ତ୍ରିପାଠୀ, ସୁରେନ୍ଦ୍ର ନାଥ ମହାନ୍ତି, ଚୈତନ୍ୟ ପେଣ୍ଡେଇ, ଦାସରଥି ପେଣ୍ଡେଇ ପ୍ରମୁଖ ଖବରଦାତାଙ୍କ ଆଗରେ ଅଭିଯୋଗ କରିଛନ୍ତି।

**ବାଲେଶ୍ୱର**

## ଟଙ୍କା, ମୋବାଇଲ ଲୁଟ୍: ୩ ଗିରଫ

ସୋର, ୧୦।୨(ଜନ୍ମେଜୟ ମିଶ୍ର)-ସୋର ବ୍ଲକ କେଦାରପୁର ପଞ୍ଚାୟତ ନୂଆହାଟ ନିକଟରୁ ଗତ ୮ ତାରିଖ ରାତିରେ ଜଣେ ରାଜମିସ୍ତ୍ରୀଙ୍କ ନିକଟରୁ ମୋବାଇଲ ଓ ଟଙ୍କା ଲୁଟ୍ ଘଟଣାରେ ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ବାଲଙ୍ଗ ଗ୍ରାମର ସୁଦାମ ଜେନା, ଗୋପାଳ ମହାରଣା ଓ ଆର୍ତ୍ତୁଙ୍ଗ ଗ୍ରାମର କିରଣ ବେହେରା। ସେମାନଙ୍କ ନିକଟରୁ ୧୦ହଜାର ୫ଶହ ଟଙ୍କା ପୋଲିସ ଜବତ କରିଛି। ପଶ୍ଚିମବଙ୍ଗ ବୀରଭୂମି ଜିଲା ବର୍ଦ୍ଧନପଡା ଗ୍ରାମର ଜୀନ ଦାସ ନୂଆହାଟରେ ରହି ରାଜମିସ୍ତ୍ରୀ କାମ କରନ୍ତି। ବୁଧବାର ରାତିରେ ଜୀନ ଶ୍ରମିକଙ୍କୁ ମଜୁରି ଦେବା ପାଇଁ ମାଲିକଙ୍କ ନିକଟରୁ ୩୦ ହଜାର ଟଙ୍କା ନେଇ ସାଇକେଲରେ ନୂଆହାଟ ଫେରୁଥିଲେ। ବାଟରେ ତାଙ୍କ ସାଇକେଲର ଚେନ୍ ଖସିଯିବାରୁ ରାସ୍ତାରେ ଠିଆହୋଇ ମୋବାଇଲ ଲାଇଟରେ ଚେନ ଲଗାଉଥିଲେ। ଏହି ସମୟରେ ପଲସରରେ ୩ଜଣ ଯୁବକ ଏକ ଲୁହାରଡ଼ରେ ତାଙ୍କୁ ଆକ୍ରମଣ କରି ମୋବାଇଲ ଏବଂ ୩୦ ହଜାର ଟଙ୍କା ଲୁଟ କରିଥିଲେ। ଜୀନ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା(ନଂ. ୧୧୦।୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ଛାତ୍ରୀଛାତ୍ରଙ୍କ ଉତ୍ସାହ ବର୍ଦ୍ଧନ, ନୂଆ ପରିବର୍ତ୍ତନ କାର୍ଯ୍ୟକ୍ରମ



ଉତ୍ସାହ ବର୍ଦ୍ଧନ କାର୍ଯ୍ୟକ୍ରମରେ ସାମିଲ ଛାତ୍ରୀଛାତ୍ର।

ରୂପସା, ୧୦।୨(ବାଞ୍ଛାନିଧି ଦେ)

ବାଲେଶ୍ୱର ସଦର ବ୍ଲକ କୁରାଡ଼ିହା ପଞ୍ଚାୟତ ଅଧୀନ ସୋଲପଟା ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ଆନୁକୂଲ୍ୟରେ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ବୋର୍ଡ଼ ପରୀକ୍ଷା ପାଇଁ ଉତ୍ସାହ ବର୍ଦ୍ଧନ ଓ ନୂଆ ପରିବର୍ତ୍ତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପରୀକ୍ଷାର୍ଥୀଙ୍କୁ ଉତ୍ସାହିତ କରିବା ସହ ବିଷୟଗତ ସମସ୍ୟାସବୁର ନିରାକରଣ ସମ୍ପର୍କରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ଛାତ୍ର ସଂସଦ ସଭାପତି ଅରୁଣ କୁମାର ନାୟକ ପୌରୋହିତ୍ୟ କରି ସମସ୍ତ ଶିକ୍ଷକ ଦଶମ ଶ୍ରେଣୀ ପିଲାଙ୍କ ପାଇଁ ଅତିରିକ୍ତ ସମୟ ଦେବା ସହ ଡାଉଟ କ୍ଲିୟର ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ କହିଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ କରୁଣାକର ପାତ୍ର, ଶ୍ରୀ ଅରବିନ୍ଦ ସୋସାଇଟିର ପୂର୍ବତନ ଜାତୀୟ ପ୍ରଶିକ୍ଷକ ଅମୀୟ କୁମାର ଦାସ, ସମ୍ପାଦକ ଗୋବିନ୍ଦ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ପିଲାଙ୍କର ପରୀକ୍ଷା ପ୍ରତି ଭୟକୁ ଦୂର କରିବା ତଥା ଅଧିକ ନମ୍ବର ରଖି ବିଦ୍ୟାଳୟ ଏବଂ ନିଜ ଅଞ୍ଚଳ ପ୍ରତି ସୁନାମ ଅର୍ଜନ କରିବା ପାଇଁ ଉତ୍ସାହିତ କରିଥିଲେ। ଏହି ଅବସରରେ ପ୍ରଶିକ୍ଷକ ଅମୟ କୁମାର ଦାସ ଛାତ୍ରୀଛାତ୍ରଙ୍କୁ ପେୟାର ଆଣ୍ଡ ସେୟାର, ଆଜ କା ଶିକ୍ଷକ, ଥଟ ଏକ୍ସଚେଞ୍ଜ ଭଳି କେତେଗୁଡ଼ିଏ ପାଠପଢ଼ା ଶୈଳୀ ସମ୍ବନ୍ଧରେ ଗୁରୁମନ୍ତ୍ର ଦେଇଥିଲେ। ପ୍ରଧାନ ଶିକ୍ଷକ କରୁଣାକର ପାତ୍ର ସମସ୍ତ ବିଷୟରେ ପିଲାମାନେ କିପରି ଅଧିକ ନମ୍ବର ରଖିପାରିବେ ଏବଂ ସରକାରଙ୍କ ଦ୍ୱାରା ବିଜ୍ଞାପିତ ହୋଇଥିବା ପରୀକ୍ଷା ସମ୍ବନ୍ଧୀୟ ସମସ୍ତ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ ଅଚିନ୍ତ ବେହେରା, ତପନ ସାହୁ, ସଞ୍ଜୟ ସିଂହ, ପଦ୍ମଲୋଚନ ବାରିକ, ବଳରାମ କର, ସଞ୍ଜୀବ ବାରିକ, ସଦସ୍ୟ ଶତ୍ରୁଘନ ବେହେରା ଓ ରାଜକିଶୋର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ



ଅଧ୍ୟକ୍ଷଙ୍କ ଦ୍ୱାରା ମାନପତ୍ର ପ୍ରଦାନ କରାଯାଉଛି।

ଖଇରା, ୧୦।୨(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁପାରୀସ୍ଥିତ ଡ. ହରେକୃଷ୍ଣ ମହତାବ ମହାବିଦ୍ୟାଳୟରେ ଚାଲିଥିବା ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷ ଗଗନ ବିହାରୀ ରାଉତ ସଭାପତିତ୍ୱ କରି ଆତ୍ମରକ୍ଷାର ଆବଶ୍ୟକତା ଉପରେ ମୂଲ୍ୟବାନ ତଥ୍ୟ ପ୍ରଦାନ କରିଥିଲେ। ବରିଷ୍ଠ ଅଧ୍ୟାପକ ଯୁଧିଷ୍ଠୀର କୁଅଁର, ଫୁଲମଣି ଦେଇ ପ୍ରମୁଖ ଅନ୍ୟତମ ବକ୍ତା ଭାବେ ଉପସ୍ଥିତ ଥିଲେ। ସଂଯୋଜିକା ଭାବେ ଅଧ୍ୟାପିକା କବିତାରାଣୀ ବଳବନ୍ତରାୟଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷିକା ମମତାରାଣୀ ସାମଲ ଛାତ୍ରୀମାନଙ୍କୁ ବିଭିନ୍ନ କୌଶଳ ଶିଖାଇଥିଲେ।

## ଆଦର୍ଶ ଶିକ୍ଷୟିତ୍ରୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା

କାଳିପଦା(ରାଜଶ୍ରୀ ପାଣିଗ୍ରାହୀ)/ ବାଲିଆପାଳ(ଗୋପାଳ ସାହୁ), ୧୦।୨

ବାଲିଆପାଳ ବ୍ଲକ ଘଣ୍ଟୁଆ ପଞ୍ଚାୟତ ପାଳପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ପରିଡ଼ାଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଶନିବାର ଅନୁଷ୍ଠିତ ହୋଇଯାଇଛି। ଘଣ୍ଟୁଆ କ୍ଲଷ୍ଟରର ସିଆର୍‌ସିସି ପୁଷ୍ପଲତା ପ୍ରଧାନଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଶିକ୍ଷକ ବିଶ୍ୱମ୍ଭର ପାତ୍ର, ମୁଖ୍ୟବକ୍ତା ଶିକ୍ଷକ ଧର୍ମପଦ ମହାପାତ୍ର, ସମ୍ମାନିତ ଅତିଥି ଦିଲୀପ କୁମାର ଦାସ ଅନୁଷ୍ଠାନର ସଭାପତି ପ୍ରମୁଖ ଯୋଗଦେଇ ଶିକ୍ଷୟିତ୍ରଙ୍କ ଶିକ୍ଷାଦାନ ଏବଂ ଛାତ୍ରୀଛାତ୍ରଙ୍କ ପ୍ରତି ଆଦର ଉପରେ ଆଲୋକପାତ କରିଥିଲେ। ସରକାରଙ୍କ ଦ୍ୱାରା ଯଦି ପ୍ରତ୍ୟେକ ପ୍ରାଥମିକ ବିଦ୍ୟାଳୟର ପିଅନ ଓ କ୍ଲର୍କ ନିଯୁକ୍ତି ଦିଆଯାଇପାରନ୍ତା, ତା'ହେଲେ ଶିକ୍ଷୟିତ୍ରୀଶିକ୍ଷକମାନେ ଅଧିକ ସମୟ ପିଲାଙ୍କୁ ପଢ଼ାଇପାରିବେ ବୋଲି କହିଥିଲେ। ଏହି ଅବସରରେ ବିଦ୍ୟାଳୟ ବର୍ତ୍ତମାନର ପ୍ରଧାନ ଶିକ୍ଷୟିତ୍ରୀ ଶୁଭସ୍ମିତା ସାହୁ, ସରକାରୀ ଶିକ୍ଷକ ପ୍ରଫୁଲ୍ଲ କୁମାର ମହାପାତ୍ର, କ୍ଲଷ୍ଟର ଅଧୀନରେ ଥିବା ବିଦ୍ୟାଳୟ ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ଏସ୍‌ଏମ୍‌ସିର ସବୁ କର୍ମକର୍ତ୍ତା ଉପସ୍ଥିତି ଥିଲେ।



ସଭାରେ ପ୍ରଧାନ ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ପରିଡ଼ାଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

# ରୋଗୀ ମୃତ୍ୟୁକୁ ନେଇ ଉତ୍ତେଜନା

ଜଳେଶ୍ୱର, ୧୦।୨(ରବିନାରାୟଣ ପାତ୍ର)

ଜଳେଶ୍ୱର ଜିକେ ଭଟ୍ଟର ହସ୍‌ପିଟାଲରେ ଜଣେ ରୋଗୀର ମୃତ୍ୟୁକୁ ନେଇ ଉତ୍ତେଜନା ସୃଷ୍ଟି ହୋଇଥିଲା। କମର୍ଦ୍ଧା ଥାନା ଅଧୀନ ନହରା ଗ୍ରାମର ଗୋବିନ୍ଦ ଜେନା(୫୫) ନିଜ ବିଲରେ ରୁଆ କାମ ପାଇଁ ଯାଇଥିଲେ । ସେଠାରେ ତାଙ୍କ ମୁଣ୍ଡ ବୁଲାଇବା ସହିତ ଅସୁସ୍ଥ ହୋଇ ପଡିଥିଲେ । ଅସୁସ୍ଥତା ଦେଖି ସ୍ଥାନୀୟ ଲୋକେ ତାଙ୍କୁ ଜଳେଶ୍ୱର ଜିକେଭଟ୍ଟର ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆଣିଥିଲେ। କାର୍ଯ୍ୟରତ ଡାକ୍ତର ଅଶୋକ କୁମାର ମିନା ଚିକିତ୍ସା କରୁଥିବା ବେଳେ ହଠାତ୍ ଗୋବିନ୍ଦଙ୍କ ମୃତ୍ୟୁ ହୋଇଥିଲା । ତେଣୁ ପରିବାର ପକ୍ଷରୁ ଗୋବିନ୍ଦଙ୍କୁ କେଉଁ ଔଷଧ ଦିଆଯାଇଛି ତାହା ଜାଣିବା ପାଇଁ ଅଡି ବସିଥିଲେ । ଫଳରେ ଉତ୍ତେଜନା ଉଗ୍ରରୂପ ଧାରଣ କରିଥିଲା । ଏ ସମ୍ପର୍କରେ ପୋଲିସ ଖବର ପାଇ ଡାକ୍ତରଖାନାରେ ପହଞ୍ଚି ଡାକ୍ତର ଓ ରୋଗୀଙ୍କ ସମ୍ପର୍କୀୟଙ୍କ ସହିତ ଆଲୋଚନା କରିଥିଲେ। ଫଳରେ ପରିସ୍ଥିତି ଶାନ୍ତ ପଡିଥିଲା ଓ ପରିବାର ଲୋକେ ଗୋବିନ୍ଦଙ୍କ ମୃତଦେହ ନେଇ ଘରକୁ ଫେରିଥିଲେ ।

## ଭବାନୀଙ୍କ ମୃତଦେହକୁ ସଂସ୍କାର ଲାଗି ବାରଣ କଲେ ଗ୍ରାମବାସୀ

**ଦୁଇ ଜଣଙ୍କ ହତ୍ୟା ଘଟଣା**

ନୀଳଗିରି, ୧୦।୨(ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ଥାନା ଅଧୀନ କାଂଶ ଗାଁର ଭବାନୀ ଶଙ୍କର ରାଉତ(୨୧) ଓ ମନୋରଞ୍ଜନ ମହାପାତ୍ର (୨୨) ଦୁଇ ଯୁବକଙ୍କୁ ହତ୍ୟା କରି ମିତ୍ରପୁର ବ୍ଲୁ-ଲେକ୍ ଗଭୀର ଜଳରାଶିକୁ ଫିଙ୍ଗି ଦିଆଯାଇଥିଲା। ଉଭୟଙ୍କ ମୃତଦେହକୁ ଗତ ଶୁକ୍ରବାର ଉଦ୍ଧାର କରାଯାଇଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ଯେତେବେଳେ ଦୁଇ ଶବ ଅନ୍ତେଷ୍ଟି କ୍ରିୟା ପାଇଁ ଗାଁକୁ ଫେରିଥିଲା, ମନୋରଞ୍ଜନଙ୍କ ଶବ ଦାହ କରିବାକୁ ଗାଁ ଲୋକେ ଅନୁମତି ଦେଇଥିଲେ। ଉକ୍ତ ହତ୍ୟା ଘଟଣାରେ ଭବାନୀଙ୍କ ବାପା ସନ୍ତୋଷ ରାଉତ ସାମିଲ ଥିବା ସନ୍ଦେହ କରି ଗ୍ରାମବାସୀ ଭବାନୀଙ୍କ ଶବକୁ ଗାଁ ଶ୍ମଶାନରେ ଦାହ କରିବାକୁ ବାରଣ କରିଥିଲେ। ଫଳରେ ସନ୍ତୋଷ ପୁଅ ଭବାନୀଙ୍କ ମୃତଦେହକୁ ପୁରୀ ସ୍ୱର୍ଗଦ୍ୱାର ନେଇ ସତ୍କାର କରିଥିବା ସୂଚନା ମିଳିଛି। ଏଥିସହିତ ସନ୍ତୋଷଙ୍କ ପରିବାରକୁ ଗ୍ରାମରୁ ବାସନ୍ଦ କରିବା ପାଇଁ ମନସ୍ଥ କରିଛନ୍ତି ଗ୍ରାମବାସୀ।

## ସ୍କାଉଟସ୍ ଓ ଗାଇଡସ୍ କ୍ୟାମ୍ପୋରୀ ଉଦ୍‌ଯାପିତ

ବାଲେଶ୍ୱର, ୧୦।୨(ମାନସ ବିଶ୍ୱାଳ)

ବାଲେଶ୍ୱର ସହର ଏଡ଼ିଏମ୍ ଛକ ସ୍ଥିତ ପବ୍ଲିକ ହାଇସ୍କୁଲ ପରିସରରେ ୩ଦିନ ଧରି ଚାଲିଥିବା ଜିଲାସ୍ତରୀୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ କ୍ୟାମ୍ପୋରୀ ଶନିବାର ଉଦ୍‌ଯାପିତ ହୋଇଯାଇଛି। ୧୨୧ଟି ସ୍କୁଲରୁ ଅଂଶଗ୍ରହଣ କରିଥିବା ୫୬୩ଜଣ ସ୍କାଉଟ ଏବଂ ଗାଇଡମାନଙ୍କୁ ଏହି ଅବସରରେ ଶାରୀରିକ ଓ ମାନସିକ ବିକାଶ ପାଇଁ ପ୍ରଶିକ୍ଷଣ ଦିଆଯାଇଥିଲା। ପିଲାମାନେ ଗାଁ ହାଟର ସୁନ୍ଦର ପ୍ରଦର୍ଶନୀ କରିଥିଲେ। ତର୍କ, ଚିତ୍ରାଙ୍କନ, ରଙ୍ଗୋଲି, ନୃତ୍ୟ, ବୁଦ୍ଧି ପରୀକ୍ଷା ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଉଦ୍‌ଯାପନୀ ସଭାରେ ଶିବିରାର୍ଥୀମାନେ ରାମ୍ପୱାକ୍ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ। ଶିବିରରେ ନିଜ ଅନୁଭୂତି ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଜିଲା ଶିକ୍ଷା ଅଧିକାରୀ ପ୍ରତିଭା ମଞ୍ଜରୀ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଭାରତ ସ୍କାଉଟସ୍ ଓ ଗାଇଡସ୍‌ର ରାଜ୍ୟ ମୁଖ୍ୟ ଆୟୁକ୍ତ ଡ. କାଳିପ୍ରସାଦ ମିଶ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ ସମ୍ପାଦକ ଶରତ ଚନ୍ଦ୍ର ପାଇକରାୟ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ପ୍ରାଚୀତନୟା ଗିରି, ସ୍କାଉଟସ୍‌ର ଜିଲା ଆୟୁକ୍ତ ପ୍ରଦୀପ କୁମାର ଦାସ ଏବଂ ଲିଡର ଟ୍ରେନର ସୁଦର୍ଶନ ପ୍ରଧାନ ଯୋଗ ଦେଇଥିଲେ। ଜିଲା ସମ୍ପାଦକ ଅଶୋକ କୁମାର ନାୟକ ଅତିଥି ପରିଚୟ ଓ ପବ୍ଲିକ ହାଇସ୍କୁଲର ପ୍ରଧାନ ଶିକ୍ଷକ ଜୟନ୍ତୀମଣି ସାହୁ ଧନ୍ୟବାଦ ଦେଇଥିଲେ।




ଉଦ୍‌ଯାପନୀ ସଭାରେ ଅତିଥିଗଣ।

**ମୟୂରଭଞ୍ଜ**

# ସୂଚନା ଓ ଲୋକସମ୍ପର୍କ ବିଭାଗ କେନ୍ଦ୍ରାଞ୍ଚଳ ଉପନିର୍ଦ୍ଦେଶକଙ୍କ ମୟୂରଭଞ୍ଜ ଗସ୍ତ

ବାରିପଦା,(ନୀଳାଦ୍ରି ବିହାରୀ ଦଣ୍ଡପାଟ)/ରାଇରଙ୍ଗପୁର(ମାନସ ମହାନ୍ତି), ୧୦।୨

ସୂଚନା ଓ ଲୋକ ସମ୍ପର୍କ ବିଭାଗ କେନ୍ଦ୍ରାଞ୍ଚଳ ଉପନିର୍ଦ୍ଦେଶକ ହେମନ୍ତ କୁମାର ନାୟକ ମୟୂରଭଞ୍ଜ ଜିଲା ଗସ୍ତରେ ଆସି ସମସ୍ତ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ଏବଂ ସୂଚନାକେନ୍ଦ୍ର ତଥା ପାଠାଗାର ନିରୀକ୍ଷଣ କରିଛନ୍ତି। ଶୁକ୍ରବାର ଜିଲା ସଦର ମହକୁମା ବାରିପଦାଠାରେ ଥିବା ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ କାର୍ଯ୍ୟାଳୟରେ ସମସ୍ତ କାର୍ଯ୍ୟ ପ୍ରକ୍ରିୟା ବିଷୟରେ ସେ ପଚାରି ବୁଝିଥିଲେ। କର୍ମଚାରୀମାନଙ୍କ ସହ ଆଗାମୀ କାର୍ଯ୍ୟ ପ୍ରଣାଳୀକୁ ତ୍ୱରାନ୍ୱିତ କରିବା ପାଇଁ ଏକ ବୈଠକ ମାଧ୍ୟମରେ ସୂଚନା ଦେଇଥିଲେ। ସେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅବିନାଶ ପାଣିଙ୍କ ସହ କରଞ୍ଜିଆ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ଏବଂ ଯଶିପୁରସ୍ଥିତ ସୂଚନା କେନ୍ଦ୍ର ତଥା ପାଠାଗାର ନିରୀକ୍ଷଣ କରିଥିଲେ। ପଞ୍ଚପିଢ଼ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନିହାର ରଞ୍ଜନ ସେଠୀ, ବରିଷ୍ଠ ଗ୍ରନ୍ଥାଗାର ପ୍ରଦୀପ୍ତ ସେନାପତି, ଲିପିକାର ଅରୁଣ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା କାର୍ଯ୍ୟାଳୟର ସମସ୍ତ କାର୍ଯ୍ୟ ସୁଚାରୁ ରୂପେ ଚାଲିଥିବା ଅବଗତ ହୋଇ ସେ ସନ୍ତୋଷ ପ୍ରକାଶ କରିଥିଲେ। କପ୍ତିପଦା ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସରୋଜ କୁମାର ପ୍ରଧାନ, ଶ୍ରୀକାନ୍ତ ବେହେରା, ଅଜିତ ମହାପାତ୍ର, ଶିବଶଙ୍କର ଦତ୍ତ, ରବିନାରାୟଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଶନିବାର ରାଇରଙ୍ଗପୁର ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର ବିଭିନ୍ନ ନଥିପତ୍ର ଫାଇଲ ଏବଂ ରେକର୍ଡ୍ସ ସମୀକ୍ଷା କରିଥିଲେ। ଏଥିସହ ସୂଚନା କେନ୍ଦ୍ର ପରିଦର୍ଶନ କରିଥିଲେ। ଏହି କାର୍ଯ୍ୟାଳୟର ବିଭିନ୍ନ ସମସ୍ୟା ଉପରେ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ସମୀକ୍ଷା ବେଳେ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପାଣି ପ୍ରମୁଖ ଉପସ୍ଥିତ ଥିଲେ।



କେନ୍ଦ୍ରାଞ୍ଚଳ ଉପନିର୍ଦ୍ଦେଶକଙ୍କ ସମୀକ୍ଷା ସମୟରେ ଉପସ୍ଥିତ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ।

## ଦୋକାନ ଉପରକୁ ମାଡ଼ିଗଲା ଟ୍ରକ୍

ବେତନଟୀ, ୧୦।୨(ଧରଣୀଧର ମହାନ୍ତି)-ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ୧୮ ନମ୍ବର ଜାତୀୟ ରାଜପଥର ଆଗ୍ରୀଆ ନିକଟରେ ଶୁକ୍ରବାର ରାତିରେ ଏକ ୧୬ ଚକିଆ ଟ୍ରକ୍ ରାସ୍ତାପାର୍ଶ୍ୱ ଏକ ଦୋକାନ ଉପରକୁ ମାଡ଼ି ଯାଇଥିଲା। ଟ୍ରକ୍‌ଟି ଦୋକାନକୁ ଧକ୍କା ଦେଇ ଭିତରେ ପଶିଯାଇଥିଲା। ସୌଭାଗ୍ୟବଶତଃ ଦୋକାନରେ କେହି ଲୋକ ନ ଥିଲେ। ଟ୍ରକ୍ ଚାଳକ ନିଶାସକ୍ତ ଅବସ୍ଥାରେ ଏହି ଘଟଣା ଘଟାଇ ଥିବା ସନ୍ଦେହ କରି ଲୋକେ ଗାଳିଗୁଲଜ କରିଥିଲେ। ଖବରପାଇ ବୈଶିଙ୍ଗା ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିଥିଲା।

## ଏଏସ୍‌ଓରେ କୃତିତ୍ୱ ଅର୍ଜନ କରିଥିବା ଜାଗୃତିଙ୍କୁ ଶୁଭେଚ୍ଛା

ବାରିପଦା, ୧୦।୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)- ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ୍ ସାନକେରକୋ ଗ୍ରାମର ଜାଗୃତି ସାହୁ ଏଏସ୍‌ଓ(ଆସିଷ୍ଟାଣ୍ଟ ସେକ୍ସନ ଅଫିସର) ପରୀକ୍ଷାରେ ରାଜ୍ୟରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଶୁକ୍ରବାର ଭୁବନେଶରସ୍ଥିତ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ୭୧୬ ଜଣ ଆସିଷ୍ଟାଣ୍ଟ ସେକ୍ସନ ଅଫିସର (ଏଏସଓ)ଙ୍କୁ ନିଯୁକ୍ତି ପ୍ରଦାନ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କଠାରୁ ନିଯୁକ୍ତି ପତ୍ର ପାଇବା ପରେ ତାଙ୍କ ସଫଳତାକୁ ନେଇ ଅଞ୍ଚଳବାସୀ ଶୁଭେଚ୍ଛା ଜଣାଇଛନ୍ତି। ଜାଗୃତି ନିଜ ସଫଳତାର ଶେୟ ବାପା ଚନ୍ଦନ କୁମାର ସାହୁ ଓ ମା' ଜୟନ୍ତୀ ସାହୁଙ୍କୁ ଦେଇଛନ୍ତି।

## ଓଡ଼ିଆ ଭାଷା ଆମ ଜାତିର ଗୌରବ, ଅସ୍ମିତାର ପ୍ରତୀକ

ବଡ଼ସାହି, ୧୦।୨ (ସମ୍ପିତ କୁମାର ରାଉତ)

ରାଜ୍ୟସ୍ତରୀୟ କଳା, ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ବାଣୀପୀଠ ପକ୍ଷରୁ ଓଡ଼ିଆ ଲେଖକ ପରିଷଦ ଓ ଆମ ସୁନାଚାନ୍ଦ ଜାତୀୟ ଶିଶୁ ସାହିତ୍ୟ ସଂସ୍ଥାନ ଆନୁକୂଲ୍ୟରେ ବିଶ୍ୱ ଓଡ଼ିଆ ଭାଷା ସାହିତ୍ୟ ସମ୍ମିଳନୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ଡ. କୁମାର ବାବୁଲି ତତ୍ତ୍ୱାବଧାନରେ ଆୟୋଜିତ ଏହି ସମ୍ମିଳନୀରେ ଭାଷାବିତ୍ ସଚୀନ୍ଦ୍ର କୁମାର ବିଶ୍ୱାଳ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଭାଷା ଗବେଷକ ଡ. ଜଗବନ୍ଧୁ ଆଚାର୍ଯ୍ୟ ଯୋଗଦେଇ ଓଡ଼ିଆ ଭାଷା ଆମ ଜାତିର ଗୌରବ ଓ ଆମ ଅସ୍ମିତାର ପ୍ରତୀକ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଡ. ଅନ୍ତର୍ଯ୍ୟାମୀ ନାୟକ, ସମ୍ମାନିତ ଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ସଚ୍ଚିଦାନନ୍ଦ ମହାନ୍ତି, ଆଶୁକବି ବାସୁଦେବ ନାପିତ ଓ ପ୍ରଧାନ ଆଚାର୍ଯ୍ୟା ରାଉତ ସୂର୍ଯ୍ୟକାନ୍ତି ପୁହାଣ ଯୋଗ ଦେଇଥିଲେ। ବିବେକାନନ୍ଦ ଶିକ୍ଷାକେନ୍ଦ୍ର ବଡ଼ସାହି, ପ୍ରତାପପୁର ଓ ସାନବେଲାକୁଚିର ଗୁରୁଜୀ ଗୁରୁମା ଯୋଗଦାନ କରିଥିଲେ। ସେମାନଙ୍କ ମଧ୍ୟରେ ଓଡ଼ିଆ ଭାଷାରେ କବିତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଗୁରୁଜୀ କାର୍ତ୍ତିକ ସେଠୀ ପ୍ରଥମ, ଶିବଶଙ୍କର ଭୂୟାଁ ଦ୍ୱିତୀୟ ଓ ଜାହ୍ନବୀ ଦଣ୍ଡପାଟ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପିଲାମାନଙ୍କ ଭିତରେ ଓଡ଼ିଆ ଭାଷାରେ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ଏଥିରେ ସତ୍ୟଜିତ ପଣ୍ଡା, ଜଗଦୀଶ ଉପାଧ୍ୟାୟ, ପପୁ ସିଂ ଓ ହରେକୃଷ୍ଣ ନାଏକ, ରାଜଶେଖର ସିଂ ଓ ଶିବାନୀ ସିଂ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ସ୍ୱତନ୍ତ୍ର ପୁରସ୍କାର ଅଭୟ ରାମଙ୍କୁ ମିଳିଥିଲା। ସାନବେଲାକୁଟି ଶିକ୍ଷାକେନ୍ଦ୍ରର ପ୍ରଧାନଆଚାର୍ଯ୍ୟା ସଂଯୁକ୍ତା ଦାସ ଅତିଥି ପରିଚୟ ଦେଇଥିବା ବେଳେ ଗୁରୁଜୀ ଦୀପକ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।



ଭାଷା ସମ୍ମିଳନୀରେ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ।

## ରାଇକମା ଆଶ୍ରମ ବିଦ୍ୟାଳୟରେ ବିଜ୍ଞାନ ଓ ଗଣିତ କ୍ଲବ୍ ଗଠନ

ବୈଶିଙ୍ଗା, ୧୦।୨(ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅନ୍ତର୍ଗତ ରାଇକମା ଆଶ୍ରମ ବିଦ୍ୟାଳୟରେ ଶନିବାର ବିଜ୍ଞାନ ଓ ଗଣିତ ଶିକ୍ଷା ପ୍ରତି ବିଦ୍ୟାର୍ଥୀମାନଙ୍କୁ ଆକୃଷ୍ଟ କରିବା ଲକ୍ଷ୍ୟରେ ଏପିଜେ ଅବଦୁଲ କଲାମ ବିଜ୍ଞାନ କ୍ଲବ୍ ଓ ଶକୁନ୍ତଳା ଦେବୀ ଗଣିତ କ୍ଲବ୍ ଗଠନ କରାଯାଇଛି। ଏହି ଉପଲକ୍ଷେ ଆୟୋଜିତ ସମାବେଶରେ ୫୦ ଜଣ ପ୍ରତିଯୋଗୀମାନଙ୍କୁ ତଥା ପ୍ରତି ଶ୍ରେଣୀରେ ଗଣିତ ଓ ବିଜ୍ଞାନ କୁଇଜ୍‌ରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ପ୍ରଶଂସାପତ୍ର, ବିଶିଷ୍ଟ ଗଣିତଜ୍ଞ ଓ ବୈଜ୍ଞାନିକମାନଙ୍କର ଜୀବନୀ ପୁସ୍ତକ, ମୋମେଣ୍ଟମ ଆଦି ମୁଖ୍ୟ ଅତିଥି ରଘୁନାଥ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଜିତ୍ କୁମାର ଜେନା ପ୍ରଦାନ କରିଥିଲେ। ମାନବ କମ୍ପ୍ୟୁଟର ଶକୁନ୍ତଳା ଦେବୀଙ୍କ ଜୀବନୀ ଆମ ପିଲାମାନଙ୍କୁ ପ୍ରେରଣା ଯୋଗାଇବ ବୋଲି ମୁଖ୍ୟ ଅତିଥି ପ୍ରକାଶ କରିଥିଲେ। ପ୍ରଧାନଶିକ୍ଷକ ରଜତ କୁମାର ଦାଶ ସଭାପତିତ୍ୱ କରିଥିବା ବେଳେ ସହକାରୀ ଶିକ୍ଷୟିତ୍ରୀ ସରସ୍ୱତୀ ଜେନା, ପ୍ରତିମା ପରିଡ଼ା, ନୀଳାକ୍ଷି ଦାସ, ସୁକାନ୍ତି ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଧର୍ମଘଟ ପାଇଁ ଉଦଳା ମୋଟର କର୍ମଚାରୀ ସଂଘର ପ୍ରସ୍ତୁତି



ପ୍ରସ୍ତୁତି ବୈଠକରେ ଉପସ୍ଥିତ ମୋଟର କର୍ମଚାରୀ ସଂଘର କର୍ମକର୍ତ୍ତା।

ଉଦଳା, ୧୦।୨(ସନ୍ତୋଷ କୁମାର ବାଛିନୀ)

ଟ୍ରେଡ୍ ୟୁନିୟନ ପକ୍ଷରୁ ଫେବୃଆରୀ ୧୬ ରେ ଦେଶବ୍ୟାପୀ ହରତାଳ ଓ ଧର୍ମଘଟ ଡାକର ଦିଆଯାଇଥିବା ବେଳେ ଶନିବାର ଉଦଳା ମୋଟର କର୍ମଚାରୀ ସଂଘ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଉଦଳା ବସ୍‌ଷ୍ଟାଣ୍ଡ ପରିସରରେ ଆୟୋଜିତ ହୋଇଯାଇଛି। ବୈଠକରେ ମୟୂରଭଞ୍ଜ ପରିବହନ ଶ୍ରମିକ ୟୁନିୟନର କାର୍ଯ୍ୟକାରୀ ସଭାପତି ଆଇନଜୀବୀ ରବି ଗୋସ୍ୱାମୀଙ୍କ ସଭାପତିତ୍ୱରେ କେନ୍ଦ୍ର ସରକାରଙ୍କ ଶ୍ରମିକ ମାରଣ ନୀତିକୁ ସମାଲୋଚନା କରିବା ସହିତ ଦୁର୍ଘଟଣା ଘଟାଉଥିବା ଚାଳକକୁ ଆଇନର ଏଭଳି ପିଙ୍ଗଳ କୋଡ୍‌ରେ ସାମିଲ କରି ଦଣ୍ଡାଦେଶର ବ୍ୟବସ୍ଥା (ଉଭୟ କାରାଦଣ୍ଡ ଓ ଆର୍ଥିକ) କରିଛନ୍ତି ତାହା ଚାଳକ ପାଇଁ ଅତ୍ୟନ୍ତ ଅବିଚାର ସଦୃଶ ବୋଲି କହିଥିଲେ। ଏଭଳି ଆଇନକୁ ଉଚ୍ଛେଦ କରି ସାମାଜିକ ମାନବିକତା ଭିତିରେ ଆଇନ ପ୍ରଣୟନ କରିବାକୁ ଦାବି କରିଛନ୍ତି। ମୁଖ୍ୟ ବକ୍ତାଭାବେ ବାରିପଦା ମୋଟର କର୍ମଚାରୀ ସଂଘର ସଭାପତି ତଥା ପରିବହନ କର୍ମଚାରୀ ସମନ୍ୱୟ କମିଟିର ରଘୁନାଥ ପଣ୍ଡା ଯୋଗଦେଇ ହେବାକୁ ଥିବା ଧର୍ମଘଟକୁ ସଫଳ କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉଦଳା ମୋଟର କର୍ମଚାରୀ ସଂଘର କାର୍ଯ୍ୟକାରୀ ସଭାପତି ଗୌରିଶଙ୍କର ବେହେରା, ଷ୍ଟାଣ୍ଡ୍ ଓ କାର୍ଯ୍ୟାଳୟ ସମ୍ପାଦକ ମନୋରଞ୍ଜନ ମହାନ୍ତି, ଉଦଳା ଟେକ୍ସି ସଂଘର ସଭାପତି ସୁକାନ୍ତ ମହାନ୍ତି, ଅଟୋ ସଂଘର ସଭାପତି ଲକ୍ଷବଚ୍ଚ ମହାପାତ୍ର, ଓଡ଼ିଶା ଡ୍ରାଇଭର ସଂଘ ଉଦଳା ଶାଖାର ସଭାପତି ପରାଶର ବେହେରା ସମେତ ବାରିପଦା ସଂଘର ଗଙ୍ଗାଧର ସାମଲ ଓ କୋଷାଧ୍ୟକ୍ଷ ଜୟନାରାୟଣ ଷଡ଼ଙ୍ଗୀ, ସମସ୍ତ ପରିବହନ ଶ୍ରମିକ ସଦସ୍ୟ ଧର୍ମଘଟକୁ ସମର୍ଥନ କରିବା ସହ ସଫଳ କରିବାକୁ ସହମତି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ହିମାଦ୍ରୀ ଶେଖର ପାଲ, ଆଇନ ପରାମର୍ଶଦାତା ବସନ୍ତ ପରିଡ଼ାଙ୍କ ସମେତ ବହୁ ମୋଟର କର୍ମଚାରୀ ତଥା ପରିବହନ ଶ୍ରମିକ ସାମିଲ ହୋଇଥିଲେ।

